କବି ଶ୍ରୀ ବୈଷ୍ଣବ ପାଣିଙ୍କ ବିରଚିତ

ମୋହନ ସୁନ୍ଦର

ଗୀତାଭିନୟ

ଶ୍ରୀ ଭିକାରୀ ବେହେରାଙ୍କ ଦ୍ୱାରା

ପ୍ରଥମବାର ପ୍ରକାଶିତ

PRINTED S. AMINUL I.
ORISSA KOHINOOR PRESS.
CHAUDHURY BAZAR
CUTTACK, 1931

ମୂଲ୍ୟ ଟ ୦ ।୬ ଛଅଣା

Digitized by srujan ka@gmail.com

ମୋହନ ସୁନ୍ଦର ଗୀତାଭିନୟର

ନାଟ୍ୟଲିଖିତ ବ୍ୟକ୍ତିଗଣଙ୍କ ପରିଚୟ

ପୁରୁଷ —

ମୋହନ— ପ୍ଲକ୍ଷଦ୍ୱୀପ ଯଯାତି ନୃପତିଙ୍କ ଜ୍ୟେଷ୍ଠପୁତ୍ର

ସୁନ୍ଦର— ,, କନିଷ୍ଠ ପୁତ୍ର

ମନ୍ତ୍ରୀ— ମୋହନ ରାଜାର ସହଚର

ଦୂତ, ନାବିକ, ଘାତୁକ, ଇତ୍ୟାଦି

ସ୍ତ୍ରୀ —

ରାଣୀ— ମୋହନର ସ୍ତ୍ରୀ ।

ସେବତୀ—ବିଜୟ କେଶରୀ ଝିଅ, ସୁନ୍ଦରର ଧର୍ମପତ୍ନୀ ।

ରାକ୍ଷସୀ, ଦାସୀ, ଇତ୍ୟାଦି ।

Digitized by srujan ka@gmail.com

ମୋହନ ସୁନ୍ଦର

ଗୀତାଭିନୟ

ପ୍ରସ୍ତାବନା

(ନଟୀର ଗୀତ ଗାଇ ଗାଇ ପ୍ରବେଶ)

(ନମସ୍ତେ ନମସ୍ତେ କଲ୍ୟାଣରୂପୀ—ବୃତ୍ତେ)

ଦେଖ ଦରଶକଗଣ ଏ ସଂସାର ସ୍ୱଭାବ । ଶିଖ ଏଥୁଁ ମହାଶିକ୍ଷା ଭିକ୍ଷା ମୋର ଏତକ । ପଦ । ପରନାରୀ ପରଧନ, ହରଣ କରେ ଯେ ଜନ । ପରିଣାମେ ଭୋଗକରେ ସେ କେବଳ ଗତକ । ୧ । ପ୍ରଭୁଜାୟା ଯେଉଁ ଜନ, ହରଣେ କରଇ ମନ । ନ ମାନଣ ହତାହତ ସେ ଅଘୋର ପାତକୀ । ୨ । ଶେଷେ ଯେଉଁ ଫଳା-ଫଳ, ଲଭିକରେ ସେ ଶୃଗାଳ । ଦେଖାଇବ ଜଗତକୁ ନାଟ୍ୟସୂନେ ଗୁଣିକ । ୩ । ସାବଧାନ ହେବେ ନରେ,ଏହା ଶୁଣନ୍ତେ କର୍ଣ୍ଣରେ । ବଇ ଦୋଲେ ବାନର ଗଳାକୁ ଶୋଭେ ମୋତକ । ୪ ।

ନଟୀ—ସହୃଦୟ ଦର୍ଶକବୃନ୍ଦ !

ଆଜ ମନେ୨ ସ୍ଥିର କରିଛୁ; ଉତ୍କଳ କାହାଣୀରୁ ଉଦ୍ଧୃତ "ମୋହନ ସୁନ୍ଦର" ନାମକ ଔପନ୍ୟାସିକ ଗୀତାଭିନୟ ଖଣ୍ଡି ଦୃଶ୍ୟ କାବ୍ୟାକାରେ ଆପଣମାନଙ୍କ ନିକଟରେ ଦେଖାଇ ନିଜ ଜୀବନ ଓ ନିଜ ଲେଖନୀକୁ ଧନ୍ୟ ମନେ

Digitized by srujan ka@gmail.com

କରିବ । ଅନ୍ୟ ନାଟ୍ୟଗୃର୍ଯ୍ୟ କେହି କେହି ଏହାକୁ ଗୀତାଭିନୟ ରୂପେ ଗଢ଼ି ବିଷୟକୁ ଫୁଟାଇ ନ ପାରି ତାହାର ମୌଳିକ ସୌନ୍ଦର୍ଯ୍ୟଟିକି ନଷ୍ଟକରି ପକାଇ ଅଛନ୍ତି, ସେ ଯୋଗେ ମୁଁ ଆଜି ତାହାକୁ ମାର୍ଜିତଭାବେ ଲେଖି ଆପଣ-ମାନଙ୍କ ନିକଟରେ ଉପହାର ଦେବାକୁ ପ୍ରୟାସୀ ହୋଇଅଛି । ଏହାକୁ ଅବଶ୍ୟ ଦର୍ଶକ ମାନେ ନେତ୍ର-ନିକଷ ଓ କର୍ଣ୍ଣ ତରାଜୁରେ ପକାଇ ଲେଖକର ଉତ୍କର୍ଷ ଅପକର୍ଷ ଅନୁଭବ କରି ପାରିବେ । ପ୍ଲକ୍ଷଦ୍ୱୀପ ଯଜାତି ନୃପତିଙ୍କ ଜ୍ୟେଷ୍ଠପୁତ୍ର ମୋହନ ଓ କନିଷ୍ଠପୁତ୍ର ସୁନ୍ଦର ଏ ନାଟକର ନାୟକ—ମୋହନ ରାଜକ ସ୍ତ୍ରୀ ରେବତୀ ଏଥିର ନାୟିକା । ଅନ୍ୟାନ୍ୟ ଅଭିନେତ୍ରୀଙ୍କ ପରିଚୟ ବିଷୟରୁ ବୁଝି ପାରିବେ । ଯାଉଛି ଅଭିନୟର ଆୟୋଜନ କରିବ

[ଦଣ୍ଡବତ କରି ପ୍ରସ୍ଥାନ]

ପ୍ରଥମ ଅଙ୍କ

ପ୍ରଥମ ଦୃଶ୍ୟ—ରାଜସଭା

{ ରାଜା ମୋହନ ଓ ସୁନ୍ଦର ଏକତ୍ର ଆସୀନ }

ରାଜା—ଭାଇ ସୁନ୍ଦର ରେ ! ମୋର ଗୋଟିଏ ଆଦେଶ ପାଳନ କରି ପାରିବୁ କି ? ତାହାହେଲେ ମନ୍ତ୍ରୀଙ୍କ ବାଦ୍ୟମାନରେ ଏ ରାଜସଭାରେ ତୋତେ ଜଣାଇବ ।

ସୁନ୍ଦର—ଜ୍ୟେଷ୍ଠ ! କହନ୍ତୁ ଆପଣ ମୋର ପିତୃତୁଲ୍ୟ । ରାମଚନ୍ଦ୍ର ପିତା ଦଶରଥଙ୍କ ସତ୍ୟପାଳନ ପାଇଁ ଜଟାଚୀର ଧାରଣ କରି ଚତୁର୍ଦ୍ଦଶ ବର୍ଷକାଳ ମହାକଷ୍ଟ ସହ୍ୟକରି ବିଜନ ବନରେ ଭାଇ ଭାର୍ଯ୍ୟାସହ ବାସ କରିଥିଲେ, ମୁଁ କି ଆପଣଙ୍କ ଆଜ୍ଞା ପାଳନରେ ଏତେ ଅଯୋଗ୍ୟ ହେବ ?

Digitized by srujan ka@gmail.com

ରାଜା—ଭାଇ ସୁନ୍ଦର ରେ ! ତେବେ କହୁଛି ଶୁଣ ।

ଗୀତ—(ଦଇବ ରେ, ଏଡ଼େ ଦାରୁଣ ତୋ ଗତି—ବୃତ୍ତେ)

ସୁନ୍ଦର ରେ, କୃଷ୍ଣ ରାଜ୍ୟ ମୋର ଆଜ । ବହନ ଯିବ ମୁଁ ଗହନକୁ ସେନା ସାଜ । ପଦ । ଗଣ୍ଡା ଗଣ୍ଡା ଗୟଳ ହରଣ, ବନାଶିବ ପଣ ପଣ । ଅଙ୍ଗରେ ହୋଇ ଭୂଷଣ ଅସ୍ତ୍ର ଶସ୍ତ୍ର ରାଜ ।୧। ଅନେକ ଦନର ଆଶା, ଆଜି ମେଣ୍ଟିବ ସହସା । ବାଣ କୃପାଣ ରଖିଛି କାଲଠାରୁ ସାଜ । ୨ । ଶିକାର ଦାନ ବପସ୍ତି, ରକ୍ଷା କ୍ଷତ୍ରିୟଙ୍କ ଧର୍ମ । ଅବର ପ୍ରଜା ପ୍ରଜାପାଳକ କର୍ମ ରଖ ହେନ୍ତ । ୩ । ଅନ୍ତଃପୁର ସମାଗୃହ, ବୁଝୁଥିବୁ ନିରନ୍ତର । ଲେଖୁଅଛନ୍ତି ଦ୍ୱିଜ ବଇଷ୍ଣବ ପଦ ଖଞ୍ଜି । ୪ ।

ସୁନ୍ଦର—ଜ୍ୟେଷ୍ଠ ଭ୍ରାତ ! ଏ ଲଘୁଚେତା ଜ୍ଞାନ ହୀନ ମସ୍ତକରେ ଏଡ଼େ ଗୁରୁଭାର ନ୍ୟସ୍ତ କରିବାକୁ ମନ କପରି ବଳାଲ ? ଯାହେଉ, ଜ୍ୟେଷ୍ଠବାକ୍ୟ କନଷ୍ଠର ଅଲଙ୍ଘନୀୟ, ତେବେ ଏତକ ଗୁମୂରେ ପ୍ରାର୍ଥନା ମନ୍ତ୍ରୀ ଅନବରତ ମୋ ନିକଟରେ ଉପସ୍ଥିତ ରହିବେ ।

ରାଜା—ମନ୍ତ୍ରୀ ! ତୁମ୍ଭେ ମୋ ଆଦେଶ ମାନ ସୁନ୍ଦର ନିକଟରେ ଉପସ୍ଥିତ ଥିବ, କେବଳ ନିତ୍ୟକର୍ମରେ ଅନୁମତ ଦେଲୁଁ ଯାଇପାର, ଶୀଘ୍ର ଦୂତକୁ ଡକାଇ କହ ଯେ ସେ ପରଲଙ୍କୁ କହିଦେଉ ରାଜା ମୃଗୟା ଯାତ୍ରା କରିବେ । ସେ ଲୋକବାକ ଯୋଗାଡ଼ କରି ନଗର ତୋରଣରେ ଅପେକ୍ଷାରେ ଥିବେ ।

ମନ୍ତ୍ରୀ—ଯଥା ଆଜ୍ଞା ! ଏହି ଯେ ଦୂତର ତୁଣ୍ଡ ଶୁଣା ଯାଉଛି, ଆମ୍ଭକୁ ଆସୁଛି ପରା ।

Digitized by srujan ka@gmail.com

{ ଦୂତର ଗୀତ ଗାଇ ଗାଇ ପ୍ରବେଶ }

ଗୀତ—(ଯୋଡ଼ଯାଜ ରେ, ଯୋଡ଼ା ଗୃହକର—ବୃନ୍ଦେ)

ଯାଇଥିଲି ରେ, ଭାଇ ବଜାର ଫେରି । ହଜାର ହଜାର ଦୋକାନ ବସିଛି କେମନ୍ତ ସଜରେ ଧାଡ଼ିକି ଧାଡ଼ି । ପଦ । ରସଗୋଲା ଲଡୁ ରାବଡ଼ି, ଦେଖି ମନ ଗଲା ବଗିଡ଼ି, ରଙ୍ଗିଆ ବେହେରା ଚେହେରାରେ ଭୁଲି କିଣିଲି ତାଠାରୁ ଫୁଲାଏ ପୁରି ।୧। ଲାଗିଛି ଗରାକ ଅପାର, ଖୋଲିଛି ମିଠେଇ ବେପାର । ଲାଭ ନଏ ମାରି ହଜାର ଗ୍ରାହକମାନଙ୍କ ମନକୁ ଆନନ୍ଦ କରି । ୨ । ମୋତେ ଦେଲା ରାବଡ଼ି ଫୁଲା, ଗୃଖୁ ଗୃଖୁ ହେଲି ବାଉଳା । ଲାଖିଗଲା ଆଖି କହିଗଲି ତାକୁ ଏ ବାଲୁବଜାରେ ତୋ ନାଆ ଯାଉ ।୩। ହୀମାନନା ହୋଟଲ ଖାନା, ସେତ ମୋର ଅଗରୁ ଚିହ୍ନା । ତା ମାଉଁସ ଝୋଳ ଦେଖି ପାଟି ଲାଳ ଛୁଟିଲା ଅଷାଢ଼ ବରଷା ପରି । ୪ । କଟିଲିଣ କଲିଜା ଭଜା, ତା ମଜାତ ଉହୁଁ ଅଲଜା । ପଲାଉରେ ଚଉ ମୂଲାଇଣ ନେଲି ପାଶୋରି ନ ପିବ ଜନମ ଗୁରି ॥ ଧନ୍ୟ ଧନ୍ୟ ବାଲୁବଜାର । ଅଛି ସେଠି ବେଭାର ସାର । ଭଲ ସବୁ କଥା ବଇଅ କବତା ଶୁଣିବାରୁ ପିତା ଲାଗୁଛି ଭାରି ।

ରାଜା—ଦୂତ ! ବଜାରେତ କିଛି ଗଣ୍ଡଗୋଳ ନାହିଁ, ବୁଝିଅ · ଯେମନ୍ତ କେହି ଦୋକାନଦାର ଖରାପ ଘିଅ କି ତେଲର ଜିନସ ନ ବିକନ୍ତି । ସେ ପ୍ରତି ତାକିଦ୍ କରି ଦେବ । କେହି ଖରଦ ଦାରମାନଙ୍କୁ ଯେମନ୍ତେ ଖରଦ-ବେଳେ ବିରକ୍ତ କରିବେ ନାହିଁ ।

ଦୂତ—ମହାରାଜ ! ଆପଙ୍କ ରାଜ୍ୟ ମଧ୍ୟରେ ତା ନାହିଁ । ଘଡ଼ି ଘଡ଼ି ସିପେଇ ପହରା, ଘଡ଼ି ଘଡ଼ି ଡ଼ାକ୍ତରମାନେ ବୁଲି ଖରାପ ଜିନସ ମାଇନା କରୁଛନ୍ତି । ସେଥିରେ ଗୋଲମାଲ କରିବ କାହାକୁ ଫୁରୁସତ୍ କାହିଁ । ମହାରାଜ ! ଆପଣଙ୍କ ର

Digitized by srujan ka@gmail.com

ଆଜିକାଲି ବସନ୍ତ, ମହାମାରୀ, ମ୍ୟାଲେରିଆ ଉପରେ ତ ଭାରି ଦୃଷ୍ଟି ପଡ଼ୁଛି, ଗଡ଼ଆ ପୋଖରୀ ମାନଙ୍କରେ ଆଉ ମଇଳା ନାହିଁ ।

ରାଜା—ଦୂତ ! ହଉ ତୁ ଯା, ସରଗଙ୍କୁ କହିବୁ ସେ ମୋ ମୃଗୟାକୁ ଯିବା ପାଇଁ ଲୋକ ଯୋଗାଡ଼୍ କରନ୍ତୁ । ତୁ ସବୁବେଳେ ସୁନ୍ଦର ନିକଟରେ ହାଜର ଥିବୁ, ବୁଝିଲୁ ?

ଦୂତ—ଯେ ଆଜ୍ଞା [ପ୍ରସ୍ଥାନ]

ସୁନ୍ଦର—ଭାଇ ! ଆପଣ କି ପ୍ରକୃତରେ ମୃଗୟାକୁ ଯିବେ ?

ଗୀତ—(କଣା ଯାଉନାହିଁ—ବୃତ୍ତେ)

ଆଜି ଲାଗିବ ରାଜସଦନ ବନ ପରି । ଛନ ଛନ ହେବ ମନ ଧନ କେ କି କଲା ରୀତି । ପଦ । ସିଂହାସନ ଶୂନ୍ୟ ଦେଖି, ବନ-ପୂର୍ଣ୍ଣ ହେବ ଅକ୍ଷି । ଦିନକ ହୋଇବ ଭାଇ କୋଟିଯୁଗ ସମ-ସରି । ୧ । ଶୁଭିଯିବ ଘନ ଘନ । ଶ୍ରୁତିକି ସ୍ନେହ ନିସ୍ୱନ । ନୀର ବହିବ ଯେପରି ଯଶା ଲଭଇ ଶଫରୀ । ୨ । ସୁନ୍ଦରର ସେହି ଦଶା, ଭାଲେ ଘଟିବ ସହସା । ବସାଇବ ପାଶେ ନେଇ କେ ମୋତେ ଆଦର କରି । ୩ । ସଜ ସରୋଜ ଚରଣ, ଧରି କରୁଛି ବାରଣ ! ଦାରୁଣ ନୋହିବ ଦ୍ୱିଜ ବଇଷ୍ଣବର ଗୁହାରି । ୪ ।

ରାଜା—ସୁନ୍ଦର ! ତୁ ଅଉ ବ୍ୟସ୍ତ ହୁଅନା, ମୁଁ ଦିନେ କି ଦୁଇ ଦିନ ମୃଗୟାରୁ ଆସିବି । ଦୁଇ ଭାଇ ଏକାଠି ମଣୋହି କରିବା, ମୋ ମୃଗୟା ପରିଚ୍ଛଦ ମୋତେ ପିନ୍ଧାଇ ଦେଲୁ !

[ଉଭୟ କର ଧରା ଧରି ହୋଇ ପ୍ରସ୍ଥାନ]

ମନ୍ତ୍ରୀ—(ସ୍ୱଗତଃ) ଆଜି ମନ୍ତ୍ରୀର ଏକାଦଶ ବୃହସ୍ପତି, ଏଠା ଏଠୁ ବାଟ ଦେଖିଲେ ତେଣିକି ଅନ୍ତଃପୁରଠା ମୋ ମାରଫତ୍ ସେହି ନିତ୍ୟକର୍ମ ବାବତ୍‌ରେ ସବୁ ଯିବ, ମୁଁ ଏଠି ହାକିମ

Digitized by srujan ka@gmail.com

ରହିବ, ତେଣେ କଣ ହାତୀଦାନ୍ତ ଖଟ ଖାଲିପଡ଼ିବ
ମୋର ରାଣୀ ସଙ୍ଗେ ପ୍ରଣୟ ଥିବା କଥା ଏଠା ଜାଣେନାହିଁ,
କେତେବେଳେ ସୂର୍ଯ୍ୟଅସ୍ତ ହେବେ, ଦିନଟା ଆଜ ଦୁଇ
ଦିନ ପରି ଲାଗୁଛି । କେତେବେଳେ କୁଞ୍ଜରେ ରାଧାକୃଷ୍ଣଙ୍କ
ମିଳନ ହଉଛି ! ଆଗୋ ଦୂତୀ ଆସୁ, ମୋର ସେ କଥା
ଭାବି ମଥା ବ୍ୟଥା କରିବା ଦରକାର ନାହିଁ ।

ଗୀତ—(ଯମୁନା କୂଳେ କାଳିଆ—ବୃତ୍ତେ)

ମୋ ସ୍ନେହ ମନୁ ପାସୋରି ନ ହେବ ସେ କିଶୋରୀ । କେଶରୀ-
ମଧ୍ୟାର ଗୁଣ ବାହୁନଲେ କିସରି । ପଦ । ହେଲେ ଚନ୍ଦ୍ରସେଣୀ
ହରି, ଦୂତୀ ପେଶିବ ନକରି । ରାଣୀ ବଡଶ ସୁଲକ୍ଷଣା ପ୍ରାଣେଶ୍ୱରୀ ॥
ବାସରେ ବାସରୁ ନେଇ, କୁଞ୍ଜବନେ ଯିବି ମୁହିଁ । କଞ୍ଜ-
ନୟନା ପ୍ରେମକୁ ହୋଇବ କି ଲେସରି । ୨ । ଯାହାର ଶୋଭାକୁ
ଲେଶ ବର୍ଣ୍ଣି ନ କରିବେ ଶେଷ । କୋଟି କବି ଯିବେ ହାରି ସେହିଟି
ମୋ କଳାଶାରୀ । ୩ । ବନଫୁଲେ ସଜାଇବି, ବାଳା ଶରୀ ରଞ୍ଜାଇବି
ବଳାପଦେ ଖଞ୍ଜାଇବି ବଇଷ୍ଣବ ଗୁହାରି । ୪ । [ପ୍ରସ୍ଥାନ]

ପ୍ରଥମ ଅଙ୍କ

ଦ୍ୱିତୀୟ ଦୃଶ୍ୟ—ଅନ୍ତପୁର

{ ରାଣୀ ଦାସୀସହ ପ୍ରବେଶ }

ରାଣୀ—ଦାସି ! ଆଜ ରାଜା ମୃଗୟାକୁ ଗଲେଣି, ତୁ ଯା, ମନ୍ତ୍ରୀଙ୍କି
ମୋ ପୁରକୁ ଘେନି ଆସିବୁ । ଏ ଫୁଲଟି ନେଇଯା, ସେ
ଏହାର ମର୍ମଭିତର ବାହାର ସବୁ ଜାଣି ପାରିବେ ।

ଗୀତ—(କି ନାମ ବୋଇଲୁ—ବୃତ୍ତେ)

ଘେନ ଯା ଏ ଫୁଲହାର ଗୋ ଦାସୀ ତୁ ଘେନଯା ଏ ଫୁଲହାର
ତାଙ୍କ ଗଳେ ବଳେ ଲମ୍ବାଇଣ ହରୁ ଚରଣେ ହେବୁ ଯୁହାର ।୧।

Digitized by srujan ka@gmail.com

ମୋ ଲାଗି କହିବୁ ପଦେ ଗୋ ଦାସୀ ତୁ ମୋ ଲାଗି କହିବୁ ପଦେ ।
ନ ଜାଣିବେ ମୋ କାମ ପଞ୍ଚବାଣ ହେଲେ ଭସ୍ମଲୁଣ୍ଠ ବିରହ ନଦେ ।୨।
ବନ୍ଧୁଚନ୍ଦନରୁ ସ୍ନେହ ତା ଠାରେ ବନ୍ଧୁ ଚନ୍ଦନରୁ ସ୍ନେହ ଏ ଜୀବନ ଯାଉ ବନ ସନ୍ଧ୍ୟାରେ ବିକାଇଛି ତାଙ୍କୁ ଏ ଦେହ ।୩। ଛାଡ଼ିଲେ ଛାଡ଼ନ୍ତୁ ମୋତେ ଗୋ ଦାସୀ ସେ ଛାଡ଼ିଲେ ଛାଡନ୍ତୁ ମୋତେ । ଘଡ଼ିଏ ମୁଁ ତାଙ୍କୁ ଛାଡ଼ି ନ ପାରିବି ଲେଖେ ବଇଷ୍ଣବ ଗୀତେ । ୪ ।

ଦାସୀ—ମହାଦେଈ ! ମୁଁ ଯେତେବେଳେ ତମର ଦାହଲଗା ପୋଇଲି, ସବୁ ଜାଣେ । ଡ଼ାଆଣୀ ଆଗରେ ପେଟ ଲୁଚେଇବ କିଏ ? ଯାଉଚି, ହେଇ ଶ୍ରୀକୃଷ୍ଣ ଅସିଲାପରି । ତୁମେ କେତକୀ କୁଞ୍ଜରେ ମତକୁ ସ୍ଥିର କରି ତୁନି ହୋଇ ବସିଥାଅ । "ହରିଙ୍କି ବରିବା ପାଇଁ ଦୂତୀଗଲେ ହାର ନେଇ ।" [ପ୍ରସ୍ଥାନ]

ରାଣୀ—(ସ୍ୱଗତଃ) ମନ୍ତ୍ରୀ କଅଣ ଜାଣିନାହାନ୍ତି ରାଜା ନାହାନ୍ତି ବୋଲି । ଦାସୀ କଅଣ ପହଞ୍ଚୁ ନାହିଁ, ଆଜ ଅଭିମାନ କରିବି, ପାନ ଦେବି ନାହିଁ, ତେବେ ତାଙ୍କ ଭିତର କଥା ଧରାପଡ଼ିବ, (କର୍ଣ୍ଣଦେଇ) ଏ କାହା ପଦ ଶବ୍ଦ, ସେହି ଆସିଲେ ପରି । ଯାଉଚି ମୁହଁ ତଳକୁ କରି ତୁନିହୋଇ ବସିବି ।
[ତଥା କରଣ]

{ ମନ୍ତ୍ରୀ ପ୍ରବେଶ }

ମନ୍ତ୍ରୀ—ମହାଦେଈ । ଏମିତ ମାନକରି ବସିଛ କାହିଁକି ? ମୁଁ ଜାଣିବାରେ କିଛି ଦୋଷ କରିନେ । ମୁଁ, କଥା କହ ମଥାପୋଛନା

ଦାସୀ—ମନ୍ତ୍ରୀ ! ସେ ପରି ମାଉପିଙ୍କର ଗୋଟାଏ ରୋଗ, ଯୋଗାଇବା ଯାଏ ମନ ମିଳିଥିବ ସନମାନ । ପାନର କି ରଙ୍ଗ ଭୁଲିଲୁ ଭରଇ ନ ଥିଲେ ଖଇର ଚୂନ । ଯାଉଛି ଲୋ ମା,

ମୁଁ ଚେଷ୍ଟା ଯାଉଅଛି । ବାରୁଦ କଉଁରେ ନାହିଁ—କେତେ ବେଳେ ହବ ଥୁଆ । [ପ୍ରସ୍ଥାନ]

ମନ୍ତ୍ରୀ—ରାଣୀ ରାଣୀ କଥା କହିବ ନାହିଁ

ଗୀତ—(ସହି ଗୋ ବହିଲା ବସନ୍ତ—ବୃତ୍ତେ)

ମଥା ଛୋଇଁ କହି କଥା ରେ ସୀତାହାସିନୀ । ପଦ । ପୀରତି ଜାତ କାହିଁକି, ଅନାଇ ବସୁ ମହୀଙ୍କ । କେଉଁ ଅପରାଧେ ବୃଥା ରେ । ୧ । ମୋହ ଜାଣିବାରେ ଦୋଷ, ମନେ କରନାହିଁ ଲେଶ । ଖଞ୍ଜନାକ୍ଷୀ ରାଜସୁତା ରେ । ୨ । ଦାସୀ ପେଷି ଆଣି ଡାକ, ଫାଙ୍କି ଦେଉ ରେ କାହିଁକି । ମୋ କେଳ କଳପଲତା ରେ । ୩ । ଭୁଜେ ଭୁଜ ଦଅ ଛନ୍ଦ, ମାରଡ଼ୋର ପକା ଚ୍ଛେଦ । କର୍ଣ୍ଣେ ଶୁଣା ପ୍ରିତଗୀତା ରେ । ୪ । ମୀନଜମୁଖି ବରଜ, ନାରେ ଦାସରେ ଅରଜ । ଦ୍ୱିଜ ବଇର କବିତା ରେ । ୫ ।

ରାଣୀ—ମନ୍ତ୍ରୀ ! ସେ ମନରଖା କଥାରୁ ଅଉ କଅଣ ମିଳିବ । ତୁମ୍ଭର ମୋ ପ୍ରତି ଯା ସ୍ନେହ ମୁଁ ବୁଝି ପାରିଛି । ଆଉ ଅଧିକ କଅଣ କହିବ ।

ଗୀତ—(ଥାଉ ଥାଉ ସେ କଥା—ବୃତ୍ତେ)

ପ୍ରୀତି ସ୍ୱତ ପଡ଼ଗଲା ଧରି । ତୁମ୍ଭ ଜାତି ନାଗମରି । ତୁଣ୍ଡରେ ମଧୁର ହୃଦୟ ଭାଣ୍ଡରେ ଭରି ନରହେ ମହୁରି । ପଦ । ଖାଲି ଶେଯେ କାଲି ଶର୍ବରୀ, ପୁହାଇଲି କି ଦୋଷ କରି । ନଶୀ ଗୋଠା-ଯାକ କଷା କରନାହିଁ ଦୁଇନେତ୍ର ମୁହିଁ ପରି । ୧ । ତୁମ୍ଭ ଯୋଗେ ନିଜ ପତିର, ପ୍ରୀତିକି ନ ଥାଏ ଖାତିର । ସ୍ୱଚ୍ଛେଦ-କଟୁରି କରେ ଧରି ପ୍ରେମଡୋର କାଟିଦେଲି ତୋରି । ୨ । ଜାହ୍ନବୀ ଯମୁନା ଛାଡ଼ିଲି, କପ ନୀରେ ଭ୍ରମେ ବୁଡ଼ିଲି । ଲୋଡ଼ିଲି ମୁଁ ଅମା ରଜନୀରେ ଚନ୍ଦ୍ର ପିଇ ତବ ପ୍ରୀତିସୁଧା । ୩ । ବଳିଦେଲି ପରାଣ ଦେହ, ଅଉ

Digitized by srujan ka@gmail.com

କ ନିମନ୍ତେ ସନ୍ଦେହ । ବଇଷ୍ଣବ ଭୂପେ ଭୂନ୍ୟ କାଳିକଲ୍ଲ ଗୋର୍ଦ୍ଧ ଛନ୍ତୁ ତୋର୍ । ୪ ।

ମନ୍ତ୍ରୀ—ସୁନ୍ଦର ! ତୁମ୍ଭେ ବୁଝିନାହଁ ବୋଲି ସ୍ୱପ୍ନଛ ସିନା, ସ୍ୱଜା ମୃଗୟା ଗଲାବେଳେ ସୁନ୍ଦରଙ୍କୁ ଅନ୍ତଃପୁର ଜଗାଇଯାଇଛନ୍ତି ସେ ଯେବେ ଏଠି ଆମ୍ଭ ଦୁହିଙ୍କି ଦେଖେ, ମୋ ପ୍ରେମ କରିବା ବାହାରିପିବ ।

ରାଣୀ—ସେ କେବେ ମୋ ଘରକୁ ଅସେ ନାହିଁ । ଏଠି ନ ହେଲେ କଣ ଗୁପ୍ତପ୍ରୀତିକୁ ସ୍ଥାନ ଅଭାବ ଅଛି ? ସେ କଥା ତୁମେ କାହୁଁ ଜାଣିବ । ନାରୀଏ ଜାଣନ୍ତି ଶୁଣ ।

ଟୀତ—(ବେଗେ ଯାଅ ଯାଅ ଲଙ୍କାପୁର —ବୃତ୍ତେ)

ଅଛି ଗୁପତ ପୀରତି ସ୍ଥାନ ହେ ଧନ । ଗୁରଦ୍ୱାର ପୁର ଜାଣି ଥା ନକର, ସମଶାନ ଉପବନ । ପଦ । ପୁଣି ନଦୀକୂଳ ଭଜନ ଦେଉଳ ଗିରି ବିଜନ କାନନ ରଜନୀରେ ଜନେ ନଯାନ୍ତି ତହିଁ କି ଅଛି ବାଣୀ ପୁରାତନ ହେ । ୧ । ବଟପ ବିଟପୀ ବିହାର ନିମନ୍ତେ ବହୁଛି ଚତୁରାନନ । ନିର୍ମଳ ପବନ ଜଳ କଳସ୍ୱନ ଚନ୍ଦ୍ରକିରଣ ସେବନ ହେ । ୨ । ନିଜପତି ଭୁଲେ କନକ ପଲ୍ୟଙ୍କେ ନ ମିଳେ ଏ ସୁଖମାନ । ଜନମିଣ ଗୋପେ ଏ ଭାବେ ଗୋପିଙ୍କି ରସିଥିଲେ ନନ୍ଦନାନ । ୩ । ପ୍ରକୃତ ରସିକ ସଂସାରେ ଜନମ ଲଭିଥିବ ଯେଉଁଜନ । ଶୁଣନ୍ତେ ଏମାନ ପ୍ରଶଂସିବେ ସେତ ବଇଷ୍ଣବ ନିବେଦନ । ୪ ।

ମନ୍ତ୍ରୀ—ତେବେ ରାଜରାଣୀ ! ଆମ୍ଭେ ଏ ଅନ୍ତଃପୁର ଗୂଢ଼ କାନନ ମଧ୍ୟକୁ ବାହାରି ଯିବା, ମୁଁ ଦେଖୁଛି, ଅନୁଭବ ବିନା ଏ କଥା ଅନ୍ୟ ଜାଣିବେ କାହୁଁ ଆସ ।

[ଉଭୟେ ପ୍ରସ୍ଥାନ]

Digitized by srujan ka@gmail.com

☛ ପ୍ରଥମ ଅଙ୍କ ☚

ତୃତୀୟ ଦୃଶ୍ୟ—ଅନ୍ତଃପୁର

(ସୁନ୍ଦର ହୃତପଦ ପ୍ରବେଶ)

ସୁନ୍ଦର—(ସ୍ୱଗତଃ) କାହିଁକି କିଛି ଗୁଣିମାଙ୍କ ସନ୍ଧାନ ମିଳୁ ନାହିଁ, ମୁଁ ଯେ ଅନ୍ତଃପୁର ସମସ୍ତ ଖୋଜି ଆସିଲିଣି । କେତେ ଦାସ ଦାସୀଙ୍କି ପଚାରିଲି, କେହି ତାଙ୍କର କଥା କହୁ ନାହାନ୍ତି, ହାୟ, ମୁଁ କଅଣ କରିବି ।

ହୃତ—ରାଜପୁତ୍ର ! ଗୁଣିମା ନା ମନ୍ଦିମଣି, ମୁଁ ତ କାହାରିକି ଦେଖି ନାହିଁ । ଏ କାରଣ କେମନ୍ତେ ଜାଣିମା ନା କାହାଠାରୁ ଶୁଣିମା ଚାଲ ଦୁଇଜଣ ମନେ ମନେ ବସି ଗୁଣିମା, ରାଜା ଆସିଲେ ତ ଆଗେ ଏ ଦୁହିଁଙ୍କ ମୁଣ୍ଡ ହାଣିମା ।

ସୁନ୍ଦର—ଆରେ ହୃତ ! ଏକଥା ଶୁଣନ୍ତେ ଭାଇ ମୋତେ କଣ କହିବେ, ମନ୍ତ୍ରୀଠାରେ ବା ତାର କି କାର୍ଯ୍ୟ ଅଛି, ହା, ହରି ।

ଗୀତ— (ଝିଞ୍ଜୁଟି ଏକତାଳି—ବୃନ୍ଦେ)

କିମ୍ପା କହ ରେ ବିଧାତା ଅନ୍ଧ, ଚୋର କରିଥିଲି କି ମୁଁ ମନ୍ଦ । କି କାରଣୁ ପିଙ୍ଗିଲୁ ଏ ଛନ୍ଦରେ । ପଦ । ଶିକାରରୁ ଫେରି ଭାଇ ନଦେଖି ତାଙ୍କୁ ଲୋଡ଼ିବେ ହୃଦୟବୃନ୍ଦ । କି ବୋଲି ତାଙ୍କୁ ମୁଁ ପ୍ରବୋଧି ବୋଧିବି ଶୁଣି ନ ଚଳିବ ପାଦରେ । ୧ । କିଏ ଜାଣିଥିଲା ରାଜ୍ୟ ଶାସନରେ ପୁଟିଛି ଏସନ ଦ୍ୱନ୍ଦ । ଉପବନର ଯୋଗ୍ୟ ଜଗତରେ ସିନା ଅଛଇଟି ଅରବିନ୍ଦ ।୨। ଶୁଭର ମୁଖରେ କପଟ ରେ ପଳିବ ରମ୍ଭା ଦେଇଲୁ କରି ସାଧ । ହଳାହଳ ଭରନ୍ତେ କପଟ ଢାଳିଲୁ ଗୋଳିକରି କ୍ଷୀର କନ୍ଦ ରେ । ୩ । କହିବ

Digitized by srujan ka@gmail.com

କାହାକୁ ଶୁଣିବ ଜେ ଏହା ଫାଟି ଯାଉରେ ଯୋଡ଼ା ହୃଦ। ବଇସ୍ତବ ବୋଲେ ଛୁଟିଯାଉ ଜୀବ ଫିଟିଯାଉ ଭବ-ଫାନ୍ଦରେ । ୪ ।

ଦୂତ—ଛି, ଆଉ କାନ୍ଦନା, ଦାଣ୍ଡଲୋକେ ଜାଣିଲେ ଭାରି କଳଙ୍କ ହେବ, ଗୁଲ ଦୁହେଁ ମିଳି ତାଙ୍କୁ ଖୋଜିବା ।

ସୁନ୍ଦର—ଦୂତ ରେ ! ପାଇଲେ ପାଇବି, ନ ପାଇଲେ ଏ ଦେହ ନଦୀ ଗର୍ଭରେ ଅଶ୍ରୟ ନେବ ।

[ଉଭୟେଁ ପ୍ରସ୍ଥାନ]

ଦ୍ୱିତୀୟ ଅଙ୍କ

ପ୍ରଥମ ଦୃଶ୍ୟ—କାନନ ।

{ ରାଣୀସହ ମନ୍ତ୍ରୀ ଭ୍ରମଣ କରୁଛି }

ମନ୍ତ୍ରୀ—ପ୍ରିୟେ ! ଅହା ! କି ରମଣୀୟ ଦୃଶ୍ୟ, ଏ ବନ ଶୋଭା କଥାରେ ବର୍ଣ୍ଣନ କରି ହେବନାହିଁ ।

ରାଣୀ—ତା' ସତ, ତୁମେତ ରସିକ, କବିତାକର ଜାଣ, ଗୋଟିଏ ଗୀତରେ ବର୍ଣ୍ଣନକରି ଗାଇଲ ?

ମନ୍ତ୍ରୀ—ନାରୀ ଶିରୋମଣି ! ଶୁଣିବ ? ତେବେ ଗାଉଛି ଶୁଣ

ଗୀତ—(ଧୀରେ ରାଧା କରଧରି—ବୃନ୍ଦେ)

ଅନା ବନଜ ବଦନା ବନ ଶୋଭାରାଶିକି । ଭାଟନ୍ତି ବନ କୋକିଳା ବୃକ୍ଷଶିଖେ ବସିକି । ବନେ ବକଶିତ ଦେଖ ଏ ବନଜ ରାଶିକି । ବର୍ଣ୍ଣନେ ନ ସରିବ ଯା ଗୁଣ ଦବା କଣିକି । ୧ । ଗୋ କେତକୀକାନ୍ତି । ଗୁହାଁ ଫୁଟିଛି ଏ କେତକୀ । ଭ୍ରମର-କେଶି ! ଭ୍ରମରେ ନ ଯାନ୍ତି ତା କତକି । ବେଢ଼ି ଅଛନ୍ତି ମଧୁପେ ଏ ମଧୁପ ମାଳତକି । କାଅଳିକରିକା ! ଏ କାଅଳି ମୋହେ ମତକି । ୨ । ବନ୍ଧୁଳୀଧରି ! ଦେଖ ଏ ବନ୍ଧୁଳୀ ରଙ୍ଗରେ !

Digitized by srujan ka@gmail.com

କୁନ୍ଦ କରଜଦଶନା କୁନ୍ଦଫୁଲ ସଙ୍ଗରେ । ପାରନ୍ଦ୍ରମଧ୍ୟମା ! ପାରଜାତ ଏ ତୋ ଆଗରେ । ସ୍ଵଗନ୍ଧେ ମୋହୁଛୁ ପ୍ରାଣ ଆହା ! କ୍ଷ ଆବେଗ ରେ । ୩ । ଏଣୀନେତ୍ରୀ ! ଏଣୀପୁଥ ଚରୁଛନ୍ତ ଏଣେ ରେ । କେ କାକୁ ଅନ୍ତର କର ନ ଯାଆନ୍ତ ଜଣେ ରେ । ଦୀନ ହୀନ ଦ୍ଵିଜବଇଷ୍ଣବ ଗୀତେ ଭଣେ ରେ । ଗୁଲ ଲତାକୁଞ୍ଜରେ ମଜ୍ଜିବା ପଞ୍ଚବାଣେ ରେ । ୪ ।

{ ସୁନ୍ଦର ଦୂତସହ ପ୍ରବେଶ }

ସୁନ୍ଦର—ଦେଖିଲୁ ରାଜ୍ୟ ଉଚ୍ଛିଷ୍ଟଭୋଗୀ କୁକୁର କପର ପ୍ରଭୁ ରମଣୀଙ୍କ ଯେନ ବ୍ୟଭିଚାର କାର୍ଯ୍ୟରେ ମାତନ୍ତୁ । (ନେପଥ୍ୟେ ଧାଇଁ) ରେ ବର୍ବର ! କେଉଁଆଡ଼େ ଯିବୁ, (ପଛେ୨ ଧାଇଁଆସି ରାଣିଙ୍କ ଧରଅଣି) ଲୋ ନଷ୍ଟକ୍ଷି କୁଳ କଳଙ୍କିଣୀ ! ତୁ କ ଭାବି ଘର ବେତନଭୋଗୀ ଭୃତ୍ୟ ସଙ୍ଗରେ ରହିଲୁ । ଛି, ଛି, ଛିଃ ଏଡ଼କ ନୀଚ୍ଚ; ଏ ଯେ କୁଳକଳଙ୍କିନୀ ଭୁଜଙ୍ଗିନୀ, ଏ ପାପର ଫଳ ନିଶ୍ଚୟ ନିକଟରେ ଭୋଗିବୁ । ତୋର ଉପପତି ପାପି ଦୁର୍ବୃତ୍ତ ଶୃଗାଳପର ପଳାଇଛୁ । ଏ ଖଡ୍ଗରେ ତାକୁ ବଧକରି ହସ୍ତ ମର୍ଯ୍ୟାଦା ନଷ୍ଟ କରିବ ନାହିଁ,ତାର ବିଗ୍ରର ସ୍ଵୟଂ ରାଜା କରିବେ । ତାର ମରଣ ଚଣ୍ଡାଳ ହସ୍ତରେ । ନୀରବ ହୋଇ ଏକ ଦୃଷ୍ଟିରେ ମୋତେ ଅନାଇ ରହିଅଛୁ । ତୋ ଆଖି ଫୁଟି ନ ଯାଇ ରହିଛୁ, ଲୋ ନୀଚ୍ଚଭିଳାସିନୀ !

ଗୀତ—(କାହାଭାବେ ମଜ୍ଜିଅଜ—ବୃତ୍ତେ)

ରାଜକନ୍ୟା ରାଜବଧୂ ରାଜରାଣୀ ହୋଇ । ଏ କାଣ୍ଡକଲୁ ଚଣ୍ଡାଳ ଲଜ ମୁଖେ ନାହିଁ । ପଦ । ଅକଳଙ୍କ କୁଳେ କଳଙ୍କ ବୋଳିଲୁ କାହା ଅଙ୍କଲକ୍ଷ୍ମୀ, ହୋଇ ଏହା କଲୁ । ଢାଳକୁ

Digitized by srujan ka@gmail.com

ଏ କଥା ରବିତଳେ ଗଲ୍ପ ଥୋଇ ।୧। ମୋହ କାମେ ଘାର କିଙ୍କରର ମନ, ଦଳିଲୁ ପାଦରେ ଅକାଶ ସୁମନ । କଳିଲୁ ନାହିଁ ଯା ଉଇ ମୀଚ ତଳେ ତୁହି ।୨। ଦେବଯୋଗ ଦ୍ରବ୍ୟ ଦେଲୁ ବାୟୁସରେ । କହ ଲୋ ନାକ୍ଷୀ କେଉଁ ସାହାସରେ । ବୟସ ମତ୍ତ ଗରବେ କାମେ ହେଲୁ ବାଇ । ୩ । ନାସ୍ତିହତ୍ୟା ପାପେ ଡ଼ରି ଯା ସୁନ୍ଦର, ନ ଛେଦନ୍ତି ଏହି କୃପାଣେ ତୋ ଶିର । ଦୋଷିଙ୍କି ଦଣ୍ଡିବେ ଜଗନ୍ନାଥେ ଭ୍ରଣେ ବଇ । ୪ ।

ରାଣୀ—ସୁନ୍ଦର ! ତୁ ମୋତେ ଏତେ ତିରସ୍କାର କର ନାହିଁ । ଏ କଥା ପ୍ରକାଶ ନ କର ମୋତେ ରାଜପୁରୀକୁ ସଙ୍ଗରେ ଘେନ ଚାଲ । ମୁଁ ତୋତେ ବିନତି କରି କହୁଛି, ମୋ ଦେହ ଛୁଇଁ କହ, ଏ କଥା ଭାଇଙ୍କ ଆଗରେ କହିବୁ ନାହିଁ ।

ସୁନ୍ଦର—ପାମର ! ଯେତେବେଳେ ନିୟମ କରାଇଲୁ, ପ୍ରାଣଗଲେ ଏହା ପ୍ରକାଶ କରିବ ନାହିଁ । ଚାଲ, ଚାଲ, ରାଜ-ପୁରୀକୁ ଚାଲ. ସେ ପାପିଷ୍ଠ ପଳାଇଛି, ତା'ର ଦଣ୍ଡ ଈଶ୍ୱର ତାକୁ ଦେବେ । [ଉଭୟଙ୍କ ପ୍ରସ୍ଥାନ]

ଦ୍ୱିତୀୟ ଅଙ୍କ

ଦ୍ୱିତୀୟ ଦୃଶ୍ୟ—ଅନ୍ତଃପୁର

{ ମନ୍ତ୍ରୀସହ ମୋହନ ରାଜା ପ୍ରବେଶ }

ରାଜା—ମନ୍ତ୍ରୀ ! ଆଜ ରାଜସଦନ କାହିଁକି ଶୂନ୍ୟ ଦେଖାଯାଉଛି ? କାହିଁ ମୋର ଭାଇ ସୁନ୍ଦରକୁ ତ ଦେଖୁନାହିଁ, ଅନ୍ତଃପୁରେ ରାଣୀ କାହିଁକି ନାହାନ୍ତି, ଦାସ ଦାସୀ ସମସ୍ତେ ନୀରବରେ ମୁଖ ଶୁଖାଇ ବସିଛନ୍ତି, ଏଥିର କାରଣ କଣ, ଜାଣିଥିଲେ ଶୀଘ୍ର ପ୍ରକାଶ କର ?

Digitized by srujan ka@gmail.com

ମନ୍ତ୍ରୀ—ମହାରାଜ ! ମୁଁ ମଧ୍ୟ ସୁନ୍ଦରଙ୍କୁ ଦୁଇଦିନ ହେଲା ଏଠାରେ ଦେଖିନାହିଁ, ପୁଣି ଶୁଣିଛି, ରାଣୀ ମଧ୍ୟ ନାହାନ୍ତି, ଜଣାଯାଏ ଦୁହେଁ ସଙ୍ଗହୋଇ କେଣିକି ଚାଲି ଯାଇ ଅଛନ୍ତି ।

ରାଜା—କି ଆଶ୍ଚର୍ଯ୍ୟ ! ସୁନ୍ଦର ଏପରି କର୍ମ କରିଛି ? ରେ ବର୍ବର ଭ୍ରାତଦ୍ରୋହୀ ! ତୋ ମନରେ ଏଡ଼େ କୁଭାବ ଗୋପନ ହୋଇଥିଲା, କ୍ରୂର ଭୁଜଙ୍ଗଙ୍କୁ କ୍ଷୀରପାନ ଦେଇ ଏତେକାଳ କୋଳରେ ଧରି ପାଳି ଆସିଲି, ମନ୍ତ୍ରୀ ! କି କାଣ୍ଡ ନକଲା ଦୁଷ୍ଟ ?

ଗୀତ—(ପ୍ରେମ ଭୁଜ ବିନା—ବୃନ୍ଦେ)

ପଥର ପକାଇ ଦୁଷ୍ଟ ଦେଖାଇଲା ଶିର ରେ । କି ସାହସେ ଅସ କଷ ନ ଚିନ୍ତି ଦେଲା କର ରେ ।ପଦ୍ମା ପଶିଲା ଅନଳ କୁଣ୍ଡେ, ପଦଗୃଳ ଖଣ୍ଡା ହାତେ । ଚିର-ଶିଖରୁ ଡେଇଲା ଦୁର୍ଦ୍ଦାନ୍ତ ପାମର ରେ ।। କାଳକୂଟ ଗୋଳି ହାତେ; ଗିଳିଲା କହ କେମନ୍ତେ । ମନକଲା ବାରଧିକୁ ହେବାପାଇଁ ପାର ରେ । ୨ । ତାତ ମାତ ଶିଶୁଦିନେ । ଗଲେ ଶମନ-ସଦନେ । ସ୍ନେହେ ତାକୁ ବଢ଼ାଇଲି ପୁଅ ପରକାର ରେ ।। ନ ହେଜିଲା ପୂର୍ବକଥା, କାମେ ହୋଇ ଉନମତ୍ତା । ଭାଇବୋଲେ ଏକି ସେ ମମତା ପୁରସ୍କାର ରେ । ୪ ।

ଦୂତ ! ସେ କେଉଁ ବର୍ବର ଅଛି, ଶୀଘ୍ର ରାଣୀସହ ଏଠାକୁ ତାକୁ ଧରିଆଣ । ମୁଁ ତାକୁ ଖଡ୍ଗରେ ଛେଦନ କରି ତା ରକ୍ତରେ ମୋର କ୍ରୋଧାନଳ ଶାନ୍ତ କରିବି, ଶୀଘ୍ର ଯା ।

ଦୂତ—ଯେ ଆଜ୍ଞା, ଶ୍ରୀଘ୍ରମ୍ । [ପ୍ରସ୍ଥାନ ପୁଣି ପ୍ରବେଶ]

ଦୂତ—ମହାରାଜ ! ଏହି ଯେ ରାଣୀଙ୍କ ହସ୍ତକୁ ଧରି ସେ ଏଠାକୁ ଆସୁଛନ୍ତି ।

ରାଜା—(ସ୍ୱଗତତଃ) ଏ କି ଘଟଣା ? ଏହାର ମର୍ମ ତ କିଛି ବୁଝି ପାରୁନାହିଁ । ଦୋଷୀ କ'ଣ ସ୍ୱଇଚ୍ଛାରେ ଦଣ୍ଡ ଭୋଗିବାକୁ ଏଠାକୁ ଆସିଛି ?

Digitized by srujan ka@gmail.com

ରାଣୀ—ସୁନ୍ଦର ! ତୁ ମୋ ହାତ ଛାଡ଼, ମୁଁ ତୋର ଜ୍ୟେଷ୍ଠ ଭାଇର ସ୍ତ୍ରୀ, ମୁଁ ତୋର ମାତା ସଦୃଶ, ମୋ ପ୍ରତି ଏ କୁତ୍ସିତ ବ୍ୟବହାର କରନାହିଁ ।

ସୁନ୍ଦର—ଦୁଷ୍ଟା ! ତୁ ଏଡ଼େ କୁଟିଳା, ତୋର ମହାପାପର ପ୍ରାୟଶ୍ଚିତ୍ତ ଏହିକ୍ଷଣି ଏ ରାଜସଭାରେ ହେବ, ଭାଇଙ୍କ ପାଖକୁ ଚାଲ ,କେବେହେଁ ଛାଡ଼ିବି ନାହିଁ ।

{ ରାଜାଙ୍କ ପାଖେ ପ୍ରବେଶ }

ରାଜା—ରେ ସୁନ୍ଦର ? ତୋର ଏଡ଼େ ଅସ୍ପର୍ଦ୍ଧା, ଭେକ ହୋଇ ଗିରି ଉତ୍ତୋଳନେ ପ୍ରୟାସୀ ହୋଇଛୁ, ଏହି ଖଣ୍ଡାରେ ତୋର ମସ୍ତକ ଚ୍ଛେଦନ କରିଲେ ଏ ମନ ସ୍ଥିର ହେବ । (ରାଣି ପ୍ରତି) ଲୋ ନାଙ୍ଗିଳ । ତୁ କ'ଣ କହୁ କହୁ କଣ ନ କଲୁ ।

ଗୀତ—(ଅସ ଅସ ଜମା ମୋର—ବୃତ୍ତେ)

ଲୋ ପାପାଣ୍ଡୀ ଦୁର୍ଦ୍ଦଣ୍ଡୀ କୁଳ ବିନାଶିନୀ । ଖଣ୍ଡ ଖଣ୍ଡ କରିବି ତୋ ମୁଣ୍ଡ ଖଣ୍ଡା ଘେନି । ପୁରୁଷ ଭୁଣ୍ଡେଇ ଲୋ । ବୁଲୁଥାଅ କଳଙ୍କ ମୁଣ୍ଡେଇ ଲୋ ॥ ତେଜି ଏ ରାଜ ନବର ଦେବରକୁ ଘେନି । ଭାବରେ ମଜ୍ଜିଲୁ କାହିଁ ପାରୁଛି ମୁଁ ଚହ୍ନି । ମିଳୁଛି ଖବର ଲୋ । ଦୁଷ୍ଟା ତୁ କୁଳଟା କୁଳେ ବର ଲୋ । ୨ । ରେ ସୁନ୍ଦର, ପନ୍ଦର ବୟସକାଳ ପୁତ୍ର । ଜନମକାଳରୁ କଲି ତୋତେ କଲି ମୁଁ ପାଳନ । ପୁରନ୍ଦର ବଜ୍ର ରେ । ମୋ ମସ୍ତକେ ନିକ୍ଷେପିଲୁ ଆଜରେ ।୩। ସ୍ତ୍ରିୟା ଜାତ ଛନ୍ଦ ମନ୍ଦ ଜାଣନ୍ତି ଭଲ ଛନ୍ତି । କାମ ଫାନ୍ଦରେ ପକାଇଦେଲୁ ବିସ ପାଣ୍ଡି । ଟାଣି ଆଣି ଅଖି ରେ । ଅନ୍ଧ ପରି ହେଲୁ ତୁ କାହିଁକି ରେ । ୪ । ସେହି ଦୋଷେ ଦୋଷୀ ତୋତେ ପରାଣେ ନାଶିବି । ତୋ ସଙ୍ଗେ ଏହାକୁ ଯମଭୁବନେ ପେଷିବି । ବଇଷ୍ଣବ ଭିଷା ହେ । ନାହିଁ ମୋ କରୁ କାହାର ରକ୍ଷା ରେ । ୫ ।

Digitized by srujan ka@gmail.com

ରାଣୀ—ପ୍ରାଣେଶ୍ୱର !

ଶୁଣ ଆଗେ ସମସ୍ତ କାରଣ
ପରେ ପଛେ ଦଣ୍ଡିବ ଦାସୀଙ୍କ
କାଲି କହିଲା ସୁନ୍ଦର ଆସି,
ରାଣୀ ହଂସପୁରେ ମୋ ନିକଟେ
ମନ ତାର କରୁଣ ବରସ
ବୋଇଲା ଭ୍ରମିକି ବନେ ପଡ଼ିଛୁ ସଙ୍କଟେ
ହୃତଠାରୁ ପାଇଲି ବାରତା;
ତାକଚନ୍ଦ୍ର ତୁମ୍ଭଙ୍କୁ ଦେଖିବେ ବଡ଼ଭାର
ହିବା ଗୃହ ନିକଟେ ତାଙ୍କର
ଶୁଣି ତାର ତୁଣ୍ଡରୁ ଏ ବାଣୀ,
ଭ୍ରମିଗଲା ମୁଣ୍ଡ ଦଗ ଦଶିଲା ଅନ୍ଧାର
ସନ୍ଦେହ ଏ ନାରୀ ହୃଦ କୋମଳୁଁ କୋମଳ,
ଅସ୍ଥିର ହୁଅନ୍ତେ ସେହିକ୍ଷଣି ,
ସୁନ୍ଦର ସହିତେ ବନେ କଲିଲି ଗମନ
ଯାଉଁ ଯାଉଁ ପଥେ ଘୋର ବିଜନ କାନ୍ତାରେ
ଏ ପାପୀ କହିଲା ଏକାନ୍ତରେ,
ଛେଜ କାନ୍ତର ଦର୍ଶନ ଆଶା,
ପଡ଼ ମୋ ପ୍ରେମରେ ଅଜ ଦ୍ୱିଜରାଜମୁଖୀ
ଏ ବଚନ ଶ୍ରବଣରେ ପଡ଼ି,
ଉଡ଼ିଗଲା ପିଣ୍ଡୁ କିବା ପ୍ରାଣ,
ତହୁଁ ମୁଁ କହିଲି ରେ ଚଣ୍ଡାଳ,
ଜୀବ ଥିବାଯାଏ କେବେଁ ହେବନାହିଁ ତାହା
ମୁହିଁ ପତି ପରାୟଣା ସତୀଙ୍କ ଅଗ୍ରଣୀ,
ବଚନକ୍ଷ ପାପେ ଭସ୍ମକର,
ବଞ୍ଚାଇ କହିଲି ମୁଁ ତୋ ଜନନୀ ସମାନ

Digitized by srujan ka@gmail.com

ମୋ ପ୍ରେମରେ ନ ବଳା ରେ ମନ
ତନ୍ହିଁ ମୋତେ କି ଭୂଷଣ ଶବ୍ଦେ ଅଟିଛୁ ଏଥିକି,
ମିଥ୍ୟା କହୁ ମୋ ନାମରେ ଦଣ୍ଡିବାର ପାଇଁ,
ଦେଖିଛନ୍ତି ଲୋକେ ତ୍ରୁ ଧର୍ମ ।

ସୁନ୍ଦର—ଓଃ ! କି ଶୁଣିଲି ଘୋର ମିଥ୍ୟା କଥା,
କହନ୍ତି ଚୋରଙ୍କ ମୁହଁ ଟାଣ,
ପ୍ରତ୍ୟକ୍ଷେ ତା ପାଇଲି ପ୍ରମାଣ ।
କ୍ଷୌଣ୍ଡଭ୍ରାତ ! ଶୁଣିବେ କି ଦାସଠାରୁ ପଦେ ?

ରଜା—କି ଶୁଣିବ ଆଉ ରେ ପାଷାଣ୍ଡ ।
ପାପୀର ବାଣୀ ଶୁଣିଲେ କର୍ଣ୍ଣରେ
ଘୋଟଇ ସେ ପାପସ୍ରୋତ ଦେହେଁ ।
ଭୋଗକର କୁକର୍ମର ଫଳ ।

ଗୀତ—(ରଜା ହଅ ତୋର ହିଅରୁ—ବୃତ୍ତେ)

ମୋ ଆଗୁଁ ଯାଆ ନିର୍ଲ୍ଲଜ । ରହ୍ନାନାହିଁ ହେବକେ ତୋହର ଭୋଗ ପ୍ରୀତର ମଜା । ପଦ । ନାଆଁ ଏ ମନ୍ଦିରୁ ହଜିବ ତୋର, କାହା-ବଳେ କଲୁ ଏ ଅବିଚାର । ମୋ ହୃଦୟୁ ଦାହ ଲିଭିବ ଜାଣିଥା ତୁହ ଲଭନ୍ତେ ସଜା । ୧ । ବୃଥା ସୁଝାରେଛ ନାହିଁ କାରଣ, ରଜାର ଆଦେଶ ଅଖଣ୍ଡ ଜାଣ । ଘେନିଯାଅ ଦୂତେ ପାପୀକି ବନସ୍ତେ ଆଜି ଗୁଡ଼ ଆସ ଯା । ୨ । ହସ୍ତ ପଦ ଦୂତେ ବାନ୍ଧି ଏହାର । ଫିଙ୍ଗିଦଥ ବ୍ୟାଘ୍ର କରୁ ଆହାର । କରୁଥାଉ ରାଣୀ ସଙ୍ଗରେ ବିହାର ତହିଁ ଏହ ଅସିଜା । ୩ । ଯେତ୍ନ ଭାତୃଜାୟା କରେ ହରଣ ତାଙ୍କର ଏ ଭବେ ଶ୍ରେୟ ମରଣ । ଶରଣପଞ୍ଜର ଚରଣକୁ ଶନ୍ତ ଲେଖେ ବଇଦ୍ୟ ଦ୍ୱିଜା । ୪ ।

ମନ୍ତ୍ରୀ—ମହାରଜ ! ଏ ପାପକୁ ଏ ଦଣ୍ଡ ଉପଯୁକ୍ତ ହୋଇଛି, ଯେତେବେଳେ ଏହାର ପ୍ରାଣ ଉପରେ ବାଧା ପଡ଼ୁଛି,

Digitized by srujan ka@gmail.com

ନିଶ୍ଚୟ ଏ ଶୁ ଭେଣ୍ଡ ଗୁଡ଼ାଏ ମିଛକଥା ବକାବକି କରିବ ।
ଏହାର କଥା କଦାପି ଗ୍ରହଣ କାନକୁ ନେବା ଉଚିତ ନୁହେଁ,
ତାର ମସ୍ତିଷ୍କ ବିକୃତ ଘଟିଲାଣି ।

ରାଜା—ଯଥାର୍ଥ କହିଛନ୍ତି । ମନ୍ତ୍ରୀ, ମସ୍ତିଷ୍କ ବିକୃତ ନ ହେଲେ କି
ଏପରି କାର୍ଯ୍ୟ କରିଥାନ୍ତା ? ଯାଅ ଦୂତେ ! ଶୀଘ୍ର ମୋ
ଆଗରୁ ଏଠାକୁ ନେଇଯା ।

ସୁନ୍ଦର—ଅଗ୍ରଜ ! ମୋ କଥା କେଣ ଶୁଣିବେ ନାହିଁ, ମୁଁ ତ
ଯାଉଛି, କିନ୍ତୁ ଯାହା କହି ଯାଉଛି, ତାର ପ୍ରମାଣ
ଅବଶ୍ୟ ପାଇବେ ।

ଗୀତ—(ଆସ ଆସ ମୋ କ୍ରୋଡ଼କୁ—ବୃତେ)

ଅବିଚାର କରୁଛ ଅଗ୍ରଜ କାହିଁକି ହେ । ସେହି ଅପରାଧେ
ଅପରାଧୀ ମୁଁ ନୁହିଁକି ହେ । ପଦ । ହୋଇ ଧର୍ମ ଅବତାର, କିମ୍ପା
ଅଧର୍ମ ଆଚର । ରାଜଧର୍ମ ମର୍ମ କାରବାର ଏହାକି ହେ । ୧ ।
ଚୋରକୁ ଧରିବା ଆଶେ, ଯାଇଁ ଚୋର ହେଲି ଶେଷେ ।
ଲୋକକଷ୍ଟ ଏହି ଜଗତରେ ନାହିଁକି ହେ । ୨ । ନିର୍ଦ୍ଦୋଷୀ
ପାଉଛନ୍ତି ଦଣ୍ଡ, ଦୋଷୀ ବୁଲେ ଠେକି ମୁଣ୍ଡ । କରେ ଦଣ୍ଡ ବହିଅଛ
ଏଥିପାଇଁକି ହେ । ୩ । ରାଣୀ ମନ୍ତ୍ରୀରେ ମିଳିଲେ, ଫଳେ ଓଲଟା
ବୁଝିଲେ । ଭଲେ ଭୁଲି ନ ଯିବ ଜୀବନେ ବଇକି ହେ । ୪ ।

ରାଜା—ମୂର୍ଖ ! ମନ୍ତ୍ରୀ ତୋ ଦଣ୍ଡର ସମର୍ଥ ନ କରିବାରୁ ତୁ
ତାଙ୍କୁ ବୁଡ଼େଇ ଦେଉଛୁ । କରେ ଦୂତେ ! ବିଳମ୍ବ କାହିଁକି ?
ତୁମ୍ଭମାନେ କି ତା ଦଣ୍ଡର ଭାଗୀ ହେବାକୁ ଇଚ୍ଛାକର ?
ମୁଁ ଜାଣେ; ରାଣୀ ମୋର କେବେଁ ମିଥ୍ୟା କହେନାହିଁ ।

ଦୂତ—ନାହିଁ ମହାରାଜ ! ଆମେ କାହିଁକି ଦଣ୍ଡ ପାଇବୁଁ, ନେଇ
ଯାଉଛୁଁ । [ସୁନ୍ଦରକୁ ନେଇଯିବା]

ରାଜା—ମନ୍ତ୍ରୀ ! ଚାଲ ଅମ୍ଭେ ସ୍ନାହାନକୁ ଯିବା ।

Digitized by srujan ka@gmail.com

ମନ୍ତ୍ରୀ—ହେ ଆଜ୍ଞା, ଦେଖନ୍ତୁ କପର ଈଶ୍ୱର ପାପିର ସ୍ୱଚକ୍ଷରେ ସମସ୍ତଙ୍କୁ ଦେଖାଇ ଦେଲେ, ନିଅଁକୁ କିଏ କ୍ଲଗାରେ ଲୁଚାଇ ରଖି ପାରିବ । [ଉଭୟ ରାଣିଙ୍କ ପ୍ରସ୍ଥାନ]

ଦ୍ୱିତୀୟ ଅଙ୍କ

ତୃତୀୟ ଦୃଶ୍ୟ—କାନନ

{ ସୁନ୍ଦର ହସ୍ତ ପଦ ଦଶାରେ ପଡ଼ି }

ସୁନ୍ଦର—(ସ୍ୱଗତଃ)

ସନ୍ତାକାରଂ ଭୁଜଙ୍ଗ ଶୟନଂ ପଦ୍ମନାଭ ସୁରେଶଂ
ବିଶ୍ୱାକାର ଗଗନସଦୃଶ ମେଘବର୍ଣ୍ଣ ଶୁଭାଙ୍ଗ ।
ଲକ୍ଷ୍ମୀକାନ୍ତଂ କମଳନୟନଂ ଯୋଗିଭିର୍ଧ୍ୟାନଗମ୍ୟ
ବନ୍ଦେ ବିଷ୍ଣୁ ଭବଭୟହରଂ ସର୍ବଲୋକୈକନାଥଃ ॥

ସୁନ୍ଦର—(ସ୍ୱଗତଃ) ହେ ପତିତପାବନ, ହେ ଭକ୍ତଜୀବନ, ବନଜ-ବଦନ, ଦୀନବନ୍ଧୋ ହେ ଭବ-ବନ୍ଧନ-ମୋଚନ ! ଏ ଦାସର ବନ୍ଧନ ଦେଖି କିଣ ଡର ଯାଉଛ ?

ଗୀତ—(ନେନା ନେନା ସଖି—ତୃତେ)

ଛେଦ ଏ ବନ୍ଧନ ଶ୍ରୀ ନନ୍ଦନନ୍ଦନ ରାଧିକା ହୃଦଚନ୍ଦନ
ଯଶୋବନ୍ତୀ ଧନ କେଶୀ ନିସୂଦନ ଗୋପୀକା ମୋଦବର୍ଦ୍ଧନ।ଏଦା
ତୋଳ ଗୋବର୍ଦ୍ଧନ ରଖିଛ ଗୋଧନ ସହିତେ ଗୋପ-
ସଦନ । ମୁରଲୀ ବାଦନ ଶୃଙ୍ଗୁର ମର୍ଦ୍ଦନ ନ ଲ୍ଦଗୁ କଳାବଦନ ।୧।
କରିଲ କୌରବ ନିଧନ ଅରେନ୍ଦ୍ର ଶ୍ରୀ କପିଧ୍ୱଜ ସ୍ୟନ୍ଦନ ।
କାଳିନ୍ଦି ଭେଦନ ଅନୁଜ ହେ ଦ୍ୱିଜ ବଇଷ୍ଣବ ନିବେଦନ । ୨ ।

Digitized by srujan ka@gmail.com

{ ଏକାଳେ ସେବତୀ କନ୍ୟାର ଦୂରେ ପ୍ରବେଶ }

ସେବତୀ—ଏ କଣ, ଅଜ୍ଞ କାହିଁକି ମୋର ବାମଚକ୍ଷୁ ବାମବାହୁ ସ୍ପନ୍ଦନ ହେଉଚି, କଅଣ ଏ ଅଭାଗିନୀ କପାଳରେ ଶୁଭଯୋଗ ଘଟିବ ? ବଜୟକେଶରୀ କନ୍ୟାହୋଇ ରାକ୍ଷସୀର ଅଜ୍ଞାକାରିଣୀ ହୋଇ ପଡ଼ିଛି, ପାପିଷ୍ଠା ମୋର ବଂଶ ଖାଇ ମୋତେ ଝିଅକରି ରଖି, ମୋର ପିତାନକ୍ଷରେ ରାଜା ହୋଇ ବହିଲା, ତା ଉପ୍ତରେତ ପ୍ରଜା ଏ ସ୍ଥାନ ଛାଡ଼ି ପଳେଇ ଗଲେ, ମୋର କପାଳରେ ଥିଲା, ନିତ୍ୟ ନରମାଂସ ପଶୁମାଂସ କାଟି ରାନ୍ଧି ରାକ୍ଷସୀକି ଦେବି, ହା ଦଇବ, ! ତୁ କ'ଣ ନ କରୁ ।

{ ରାକ୍ଷସୀ ଏକାଳେ ହଠାତ୍ ସୁନ୍ଦରଙ୍କୁ ମୃତାବସ୍ଥାରେ ଘେନି ପ୍ରବେଶ }

ରାକ୍ଷସୀ—ସେବତୀ ! ନେ ଝିଅ, ଏ ନରଟାକୁ କାଟି ରାନ୍ଧ, ମୁଁ ଗାଧୋଇ ଅସି ଖାଇବି, ଯାଉଚି ।

ସେବତୀ—ମା ! ଏ ପୁରୁଷଟିକୁ କେଉଁଠୁ ପାଇଲ ? ସତ କହିବ, ତୁମକୁ ମୋ ରାଣଟି ।

ରାକ୍ଷସୀ—ଝିଅ ! ମୁଁ କହୁଛି ଶୁଣ ।

ଗୀତ—(ଯାଉନାହୁଁ କାଠକାଟି—ବୃନ୍ଦେ)

ଗଡୁଥିଲା ଗୋଡ଼ ହାତ ହୋଇ ଛନ୍ଦା ବନର ଭିତରେ ଲୋ । ହରି୨ ବୋଲି ଛାଡୁଥିଲା ହୁରି କାନ୍ଦଣ ଅଛୁରେ ଲୋ । ପଦ । ଯହୁଁ ଶୁଣିଲି ଏହାର ପାଟି, ତହୁଁ ନିକଟକୁ ଗଲି ଛୁଟି । ମୋତେ ଦେଖି ତଣ୍ଟି ଶୁଖିଗଲା ଯାର ତୋଳିଲି ହାତରେ ଲୋ । ୧ । ସେତେବେଳୁଁ କହୁନାହିଁ କଥା, ଜଡ଼ ଗଲାଣି

Digitized by srujan ka@gmail.com

ଜାଣୁଛୁ ଚେଷ୍ଟା । ମଥା ଜାଡି ଖଣ୍ଡାଦେଇ ଝୋଳ କର ଝୁଣ୍ଟିବ ଦାନ୍ତରେ ଲୋ ।୨। କଅଁଣ ମାଉଁସ ଏହାର, ମୁହିଁ କରନ୍ତି ବେଲକୁ ଅହାର । କଲେଇ ଦେଲେଡ ମିଳେଇଣ ଯିବ ଗୋଟାଏ ଗାଉରେ ଲୋ ।୩। ସ୍ବାକୁ ଠିକ ଠିକ କର ଜାଅଠେ, ରଙ୍ଗ ଦୁଇଟାଆ କର ବାଅଟେ । ଭକ୍ତଦେବ ଥୋଡ଼ା ବଇଅ ଭା ମଜା ଲେଖୁଛୁ ଗୀତରେ ଲୋ ।୪।

ସେବତୀ—(ସ୍ଵଗତଃ) ଅହା କି ସୁନ୍ଦର ଯୁବା ପୁରୁଷଟିଏ । ଜଣା ଯାଉଅଛୁ, ଏ କୌଣସି ରାଜା ପୁଅ ହେବ, ଯାଉଚ, ଏହାକୁ ଚେଷ୍ଟା କରିଇ ସ୍ଵାମିରେ ବରଣ କରିବ । ଏ ପାପିଷ୍ଠା ରାକ୍ଷସୀ ପାଖରେ ରହି ଏ ନବ ଯଉବନ ମୋର ବୃଥାରେ ଯାଉଛୁ, ସେ ନ ଅସୁଣୁ ଏହାକୁ ନେଇ ପଳାଇପିବି । (ଚେଷ୍ଟା କରିକ) ନାଗର, ନାଗର ! ଉଠ, ଭୟ କରନାହିଁ ମୁଁ ରାକ୍ଷସୀ ନୁହେଁ ।

ସୁନ୍ଦର—ଏ କିଏ, ମୁଁ କେଉଁଟି । ଏ ଯେ ରାକ୍ଷସୀ, ଯେଉଁ ରାକ୍ଷସୀ ଯୋଗେ ମୋର ଏ ଦଶା ।

ସେବତୀ—ହେ ନାଗର ! ମୋର କଥାଟିକ ଶୁଣ; ଜଣାପାଏ କୌଣସି ସ୍ତ୍ରୀଯୋଗେ ଘରତ୍ୟାଗ କର ବନରେ ପଡ଼ିଥିଲ, ନାଗର ଶୁଣ :—

ଗୀତ—(ସଜନରେ ! ମୁଁ ତ—ବୃଥେ)

ନାଗର ହେ, ତୁମ୍ଭ ଘର କେଉଁଦେଶରେ । କାହିଁ ହୋଇ- ପଡ଼ିଥିଲ ବନବାସରେ । ପଦ । କି ନାମ କର ଧାରଣ, କହ ତୁମ୍ଭଙ୍କୁ ମୋ ରାଣ । ଚରଣ ସେବିବ କର ରଖ ମୋତେ ପାଶ ରେ ॥ ବଜାପୁକେଶରୀ ବଂଶ, ଏ ଅସୁଖ କଲା ନାଶ । ମୁହିଁ ଏକ- ମାବ ବଞ୍ଚିଅଛୁ ଅବଶେଷରେ ।୨। ପଡ଼ା ମାତାଙ୍କୁ ମୋହର,

Digitized by srujan ka@gmail.com

ଏ ଦୁଷ୍ଟାଙ୍କଙ୍କ ଅଧିକାର । ତୃପ୍ତ ଏହାଙ୍କ ରସନା ସଦା ନର ମାଂସରେ ।। ମୋ ନାମ ସେବତୀ ଅଟେ, ପଡ଼ିଛି ଅତି ସଙ୍କଟେ । ଉଦ୍ଧାର କଷ୍ଟରୁ ଦୁଃଖି ବଇଷ୍ଣବ ଭୂପରେ । ୪ ।

ସୁନ୍ଦର—ରାଜକନ୍ୟା ! ତେବେ ଏ ଅସୁରୀ ମୋତେ ଖାଇବାକୁ ଆଣିଛି ?

ସେବତୀ—ଚାଲ ଏଠାରୁ ଦୁହେଁ ପଳାଇବା ।

ସୁନ୍ଦର—ସୁନ୍ଦରୀ ! କେଉଁଠାକୁ ପଳାଇବା ? ମୁଁ ପ୍ଲକ୍ଷଦ୍ୱୀପ ରାଜପୁତ୍ର, ମୋ ନାମ "ସୁନ୍ଦର" ନାରୀ କୂଟପଣରେ ପଡ଼ି ରାଜ୍ୟ ତେଜ୍ୟାଙ୍କର ଦକ୍ଷିଣ ଦଶାରେ ବନରେ ପଡ଼ିଥିଲି, ଯେତେବେଳେ ରାଜପୁରରେ ମୋପାଇଁ ସ୍ଥାନ ଅଭାବ ଆଉ କ'ଣ ମୋତେ ସ୍ଥାନ ମିଳିବ ?

ଗୀତ—(ଠିକେ ଠକାଦେଇ ଆଇ—ବୃତ୍ତେ)

ସଞ୍ଜୀବନୀ ପୂନା ଗଲେ ଜୀବ ଯିବ ନ ଯିବ ଆଉ ମୁଁ କେଉଁ କ୍ଷଣେ ରେ । ପଦ । ଆଜୀବନ ବନ୍ଧୁ ହୀନ ଜୀବନେ କି ସୁଖ ଭୁଞ୍ଜିବି ଭବଭବନେ । ପଞ୍ଜରବନ୍ଦୀ ବାସ ମୋ ଶେଷ ଆୟୁ ଶାନ୍ତି ନାହିଁ ଆଉ ଏକ୍ଷଣେ ରେ । ୧ । ଭାଗ୍ୟ ଅନୁସାରେ ଭୋଗ ଭୁଞ୍ଜେ ପ୍ରାଣୀ, ମିଛେ ହେଉଥାଏ ଏବେ ତେଣେ ଚିନ୍ତା । ଖୋଜ ଖଞ୍ଜନାକ୍ଷୀ ବଳାଇ ନ କର ମନ୍ଦା ନାହିଁ ପରିତ୍ରାଣେ ରେ । ୨ । ତାର ଯୋଗେ ପରି ଏତେ ଲାଞ୍ଛନା, ମୋତେ ସହୁଛି ପିକ-ବଚନା । ବିଶ୍ୱେ ଅବିଶ୍ୱାସୀ ରମଣୀ କେବଳ ଥିବେ ନାହିଁ ଅନ୍ୟ ଜଣେ ରେ । ୩ । ତାଙ୍କୁ ହରଣରୁ ମୋର ଯୁଝିବାର, ଗଳା କାଟିଦେବେ ହୋଇ ଦୁର । ନାହାନ୍ତି କାହାର ସୃଷ୍ଟିରୁ ବାହାର ଅନୁଭବି କର ଭଣେ ରେ । ୪ ।

ସେବତୀ—ନାଥ ! ମୁଁ ସିନା ଦେଖିଲାବେଳୁଁ ଏ ଚରଣରେ ମନ ପ୍ରାଣକୁ ଅର୍ପଣ କରିଛି ? ନାରୀ ସୃଷ୍ଟି ଗୁରୁଯୁଗରେ

Digitized by srujan ka@gmail.com

ଅଛୁ, ସେ ଯେବେ କେବଳ ମନ୍ଦଗୁଣରେ ପୂର୍ଣ୍ଣ,
ତାକୁତ ବିଧାତା ସୃଷ୍ଟି ନ କରିଥିଲେ ଭଲ ହୋଇ-
ଥାନ୍ତା, ଶାସ୍ତ୍ରରେ ଦେଖିଛ, ସବୁଠାରୁ ଅଗ୍ରପୂଜା
ରମଣୀ । ଲକ୍ଷ୍ମୀ, ସାବିତ୍ରୀ, ଦୁର୍ଗା, ସରସ୍ୱତୀ, କାଳୀ,
ଧନାଧିଶ୍ୱରୀ, ସରସ୍ୱତୀ ବିଦ୍ୟାଦାତ୍ରୀ, ଦୁର୍ଗା ଶକ୍ତି-
ଦାୟିନୀ, ସାବିତ୍ରୀ ସିଦ୍ଧିଦାତ୍ରୀ, ଏହାଙ୍କ ତଳେ ଅଉ

ସବୁ ବୃଥାରେ ନାରୀହତ୍ୟା ଦୋଷ ନଅନାହିଁ ।
ତୁମ୍ଭେ ନାଶକଲେ ଏ ପ୍ରାଣ ନଷ୍ଟ ହବଇ ।

{ ସୁନ୍ଦରକୁ ଲୁଚାଇ ରଖିବା, ରାକ୍ଷସୀର ପ୍ରବେଶ }

ରାକ୍ଷସୀ—ଝିଅ ! ରାନ୍ଧି ସାରିଲୁଣି ? ବାଢ଼ିବୁଟି, ଭାରି ଭୋକ
ହେଲାଣି ।

ସେବତୀ—ମା ! ସେ କଥା ମୁଁ କ'ଣ କହିବ, ସେଠା ନିଷ୍ଟେଁ
ମାସ୍ଥା ଦୁରୁଷ୍ଟ, ମୁଁ ଯେମନ୍ତେ ପନିକଧରି କାଟି
ବସିଛି, ଝୁହୁଁ ୨ ମୋ ହାତରୁ କେଜାଣେ ଉଭେଇ
ଗଲା । ଏ ହାତରେ ଏତେ ନରମାଂସ କାଟିଥିଲି,
ହେଲେ ଏପରି ଘଟି ନ ଥିଲା, ମା ! ସେ ଯେବେ
ତୁମକୁ ଅହନ୍ତା ରଖି ମାରିଦେବ, ମୁଁ ଅଉ କାହା
ପାଖରେ ରହିବି ? ମୋ କଥାତ ସରିଯିବ ।

ରାକ୍ଷସୀ—ଝିଅ ! ଛି, କାନ୍ଦନା, ମୋତେ ମାରିବାକୁ କିଏ ଜନ୍ମ
ହୋଇଛି, ମୁଁ କାହିଁରେ ମରିବି ନାହିଁ । ଯୋଉଦିନ
ତୋ ସଙ୍ଗରେ କୌଣସି ପୁରୁଷର ରମଣ ଦ ଆଖିରେ
ଦେଖିବି, ସେଇଦିନ ସେଇକ୍ଷଣି ମୋ ମୂର୍ଦ୍ଧନା ଫାଟି
ପ୍ରାଣ ଛାଡ଼ିଯିବ, ବୁଝିଲୁ ? ତୁ ଥା, ମୁଁ ଯାଇ ଆଉ
ଗୋଟାଏ ଜୀବ ଆଣେ, କ'ଣ ଆଜି ଉପାସ ରହିବା ?

[ରାକ୍ଷସୀ ପ୍ରସ୍ଥାନ]

Digitized by srujan ka@gmail.com

ସେବତୀ—ମୋତେ ଭାରି ଡର ମାଡୁଛି, ଚଞ୍ଚଳ ଆସିବ ।
ନାଥ ! ଏଣେ ଆସ, ଶୁଣିଲଡ, ବଡ଼ ସହଜ ଉପାୟ ସେ ଆସୁଥିବ; ଆସ ଦୁହେଁ ରତକ୍ରୀଡ଼ାରେ ରତ ହେବା, ସେ ଦେଖିଲା କ୍ଷଣିତ ମରିଯିବ, ଶଙ୍କା କ'ଣ ?

[ଉଭୟ ନେପଥ୍ୟେ ଗମନ]

ରାକ୍ଷସୀ—(ପ୍ରବେଶି ନେପଥ୍ୟେ ଗୃହୁଁ) ଆଲୋ ସେ କଣ, ସେ କଣ ? ଓଃ ପ୍ରାଣଗଲା ।

[ପତନ]

{ ସେବତୀ ସୁନ୍ଦର ସହ ପ୍ରସ୍ଥାନ }

ସେବତୀ— ନାଥ ! ମନକାମନା ପୂର୍ଣ୍ଣ ହେଲା ? ଗୋଟିଏ କାର୍ଯ୍ୟକର
ସୁନ୍ଦର—କି କାର୍ଯ୍ୟ ଶୀଘ୍ର କହ ?
ସେବତୀ—ନାଥ ! ତାହା କହୁଛି ଶୁଣ ।

ଗୀତ—(କାହିଁପାଇଁ ହେଉ କାନ୍ଦକାନ୍ଦ—ବୃତ୍ତେ)

ପଶିଅଛି ଅଟଳେ ବିଭବ ହେ । ଜୀବଧନ । ପଦ । ବସି ଏଥି ରାଜ୍ୟକର । ହଟିଯିବ ଦୁଃଖ ଭାର । ତୁଟିଯିବ ସରବ ଅଭାବ ହେ । ୧ । ବିଜୟକେଶରୀଙ୍କର; ଏ ଅଟେ ରାଜ ନଗର । ରହ ମୋର ପ୍ରେମ କରି ଲଭି ହେ । ୨ । ଅସୁରୀ ଭୟରେ ପ୍ରଜା, ଏ ସ୍ଥାନ କରିଲେ ତେଜ୍ୟା । ପୂର୍ଣ୍ଣ ହୋଇଗଲେ ବନଜୀବ ହେ । ୩ । ଅସୁରୀ ନିଧନ ଶୁଣି, ବସତି କରିବେ ପୁଣି । ରସେ ଭାଷେ ଦ୍ୱିଜ ବଇଷ୍ଣବ ହେ । ୪ ।

ସୁନ୍ଦର—ସୁନ୍ଦରୀ ! ଆଉତ କିଛି ଭୟର କାରଣ ନାହିଁ, ଗୁଲ, ରାଜପୁରୀ ସମସ୍ତ ବୁଲି ମୋତେ ଦେଖାଇବ ।
ସେବତୀ—ଆସ, ଯୋଉଠି ଯାହାଅଛି, ସବୁ ଦେଖାଇବ ।

Digitized by srujan ka@gmail.com

ତୃତୀୟ ଅଙ୍କ

ପ୍ରଥମ ଦୃଶ୍ୟ—ରାଜପୁର

(ରାଣୀ ଓ ମନ୍ତ୍ରୀ ପ୍ରବେଶ)

ରାଣୀ—ନାଥ ! ତୁମ୍ଭ ମନ କାହିଁକି ସବୁବେଳେ ବିରସ କରୁଛ ? ମୁଁ ତୁମର ଦାସୀ, ଫିଟାଇ କହ, ଦାସୀଠାରେ କି କପଟ ସାଜେ ?

ମନ୍ତ୍ରୀ—ପ୍ରିୟେ ! ମୋର ସବୁ କୁଶଳ, କେବଳ ଗୋଟିଏ କଥା-ଯୋଗେ ମୁଣ୍ଡ ସବୁବେଳେ ଘୁରୁଛି, ରୋଗ ଋଣ ଶତ୍ରୁ ଏ ଶେଷରେ ରହିଲେ ଧନେ ନିଜକୁ ଦଂଶନ କରିବେ ଏହା ବଡ଼ ୨ କବିମାନେ କହିଅଛନ୍ତି ।

ରାଣୀ—କଣ ତା ଫିଟାଇ କହିଲେ ସିନା ଜାଣିବି ।

ମନ୍ତ୍ରୀ—ତାହା କରି ପାରିବଟି ? ଶୁଣ :—

ଗୀତ—(ଧରୁ ଧରୁ ଉଡ଼ିଗଲା ପକ୍ଷି—ବୃତ୍ତେ)

ଯେବେ ମତାଇଲୁ ମୋତେ ପ୍ରୀତିରେ, ପ୍ରିୟବତୀରେ । ପଦ ।
ପତାଇଣ କରି ମାଗୁଛି କଙ୍କର କୂଟେ ମାର ନରପତି ରେ । ୧ ।
ବେଳହୁଁ ଚେତାଇ ଦେଉଛି ଚତୁର ସ୍ଥିରକରି ଦେଖ ମତି ରେ । ୨ ।
ଖତାଇ ହେବ ସେ କାଳେ କେତେବେଳେ କଳା ଅମ୍ଭ ରୀତି ନୀତି ରେ । ୩ । କ୍ଷତରେ ପଡ଼ିବା ଭିତରେ ନରତେ ତେଣୁ ଦକ ଦକ ଛାତି ରେ । ୪ । ନାଗ ନରପତିଙ୍କି ନ ଯିବ ବିଶ୍ୱାସ ବଡ଼ ଅବିଶ୍ୱାସୀ ଜାତି ରେ ।। ଅନୁଭବ କବି ବଇଷ୍ଣବ ଭାବ ନିଦ ନ ଆସଇ ରାତି ରେ । ୫ ।

ରାଣୀ—ପ୍ରାଣେଶ୍ୱର ! କିଛି ଭୟ କରନା, ମୁଁ ରାଜାଙ୍କ ସଙ୍ଗେ ଆଜି ବନଭ୍ରମଣର ବ୍ୟବସ୍ଥା କରୁଛି, କହି ବୋଲି ତୁମ୍ଭଙ୍କୁ ସଙ୍ଗରେ ନେବି । ଅମ୍ଭେ ଯେତେବେଳେ ଦୁଇଜଣ ହେବା

Digitized by srujan ka@gmail.com

ସେ ଜଣେ ଆନ୍ତର କଅଣ କରିବ ? ସେଠାରେ କୌଶଳରେ ମାରିଦେବା ?

ଗୀତ—(ଛୁବନା ଭାବନା ସାବଧାନ—ବୃତ୍ତେ)

ଚଲ ତୋଷମନେ ଅପଣା ଭବନେ ଦେନୁ ଲଭିଛ ବିରସ-ରେଖା । କରି କଉଶଳ ନାଶିବା ଖଲକୁ ନ ଥିବ କାଳକୁ ଶଙ୍କୁ ଅଶଙ୍କା । ପଦ । ଏଥେ ହେଲା ଗୋଳ ଜାଣିବେ ସକଳ ବାଜିବ ନଟରେ କଳଙ୍କ ଡଙ୍କା । ଶୁଣି ପ୍ରଜାକୁଳ କହିବେ କହଲ ଭୂପାଳ ନୃପତି କରଣ ଚିତା । ୧ । ଶେଷେ ଦୃଢଦୃଢା ହେବାଲାଗି ଲେଖା ଛୁଟାରେ ସମ୍ଭବା ଦରଭ ଧର୍ମ୍ମା । ନାବଡଠରେ ରାଜକାଠକରେ ଥାଇଁ ଛଡ଼ାଇବା ଦୁହେଁ ମାନସ ଚଙ୍କା । ୨ । ଗଢ଼ୁଥିବା ଗଜଦନ୍ତ ପଲ୍ୟ-ଙ୍କରେ ଠାଣୁଥିବେ ଲୁଚେଇ ହାଲେସ୍ତ୍ରୀ ପଙ୍କା । ବଇଷ୍ଣବ ଭକ୍ତ ଶଠି-ଥିବେ ଦାସ ଖରଚ କରିବା ଇଚ୍ଛାକୁ ଠଙ୍କା । ୩ ।

ମନ୍ତ୍ରୀ—ତେବେ ମୁଁ ଘରକୁ ଯାଉଛି, ରାଜା ଆସିବା ବେଳ ହୋଇ ଗଲାଣି । ସେ ଭାର ତୁମ୍ଭ ଉପରେ ରହିଲା (ପ୍ରସ୍ଥାନ)

ରାଜା—(ପ୍ରବେଶି) ପ୍ରିୟେ । ମନରେ କଣ ଭାବି ବିରସରେ ବସିଛ ? ପରା ତୁମ୍ଭର ନଳିନ ମୁଖ ମଳିନ ଦେଖିଲେ ଏ ଅନ୍ତର ମୋର ଚୋଳି ହୋଇଯାଏ । ଏ ରାଜ-ଭବନରେ କି ଅଭାବ ହେଲା ଯେ ସେ ଯୋଗେ ମନରେ ସୁଖନାହିଁ ?

ଗୀତ—(କଉଶୋସ୍ତ୍ରମଣି—ବୃତ୍ତେ)

କରବଦଶନା ଅଜ୍ଞ ଫରକ କାମ୍ୟା ତୋ ମତ । ତୁ ମୋର ତାରକ ମନ୍ତ୍ର, ଯନ୍ତ୍ର, ତନ୍ତ୍ର ଲ୍ୟୁବବତୀ । ପଦ । କଣ୍ଠ ମରକତମାଳା ଫର. ଚକରଂ ଛଇଳା । ଉରଜ ନ ମଣି ଏହା ଯା ମାଗିବୁ ଦେବ-କତ । ୧ । ହରକତ ହରଷର, କରଇ ଲେ ବାରମ୍ବାର । ଟରକ ହୋଇଣ ଓଷ୍ଠ ସୁଧାଦାନବାରଣ ତା ତାତ । ୨ । ଦରଶଣି ନୀ ଆଦରେ କିଙ୍କର ତୋର ପଦରେ । ନଂକେନାଥିଲୁ ଡର ନ ଥାଏ ତୁ

Digitized by srujan ka@gmail.com

ଥିଲେ କନ୍ତ ।୩। ବିରହିତ ନୋହି ଧନ, କହ କାହିଁରେ ତୋ ମନ। ଦେଇଥାରେ ମୋ ରକତ ପାନ ବଇର ବନନ୍ତ ।୪।

ରାଣୀ—ଜୀବେଶ୍ୱର ! ଏତେ କଥାଟାଏ, ମୁଁ ତୁମ୍ଭର ରକ୍ତ ମାଗିବ ? ନାଥ ! ଗୋଟିଏ ସାମାନ୍ୟ କଥା ନେଇ ମନରେ କଷ୍ଟ ଜାତ ହୋଇଛି । ଆଉ କିଛି ନୁହେଁ,

ରାଜା—କେଉଁ ବିଷୟ ? ତାହା କି ମୋ ନିକଟରେ ନାହିଁ ? ମୋତେ ଖୋଜିବାକୁ ପଡ଼ିବ ?

ରାଣୀ—ନା, ଖୋଜିବା ଦରବ ସେ ନୁହେଁ, ଅନୁମତ ହେଲେ ମାଗିବ ?

ରାଜା—ଅଚ୍ଛା, ଅନୁମତ ଦେଲି ମାଗ ।

ରାଣୀ—ତେବେ ଶୁଣ, ସେ ବଡ଼ କଥାଟା ନୁହେଁ ।

ଗୀତ—(କହ କହ ଭବାନୀ ଗୋ—ବୃତ୍ତେ)

ବନ ବିହାରକୁ ଧନ ମନ ବଳିଛି ମୋହର । ଦେଖିବା କାନନ ଶୋଭା ପ୍ରଫୁଲ୍ଲ ଆନନ୍ଦ କର । ସଦା ରବୁଥିବେ ଶାରୀ ଶୁକ, ଶୁଣିବ ତାହାଙ୍କ ଡାକ । ହଳଦୀବସନ୍ତ ସାଙ୍ଗ ସାଥେ ଗୁଞ୍ଜୁଥିବେ ଦୂର ।୧। କଳା ବଳାହକେ ଦେଖି, ଗିରି ଶିଖରରେ କେକୀ । ମାତିଥିବେ ନାଚୁଥିଲେ ଟେକି ପୁଚ୍ଛ ସୁନ୍ଦର ସର ।୨। କୁରଙ୍ଗ କୁରଙ୍ଗୀ ସଙ୍ଗେ, ମାତିଥିବେ ରସରଙ୍ଗେ । ସେକାଳେ ତୁମ୍ଭଙ୍କୁ ମୁହିଁ ବସିବି କୋଳରେ ଧରି ।୩। ବହୁ ବାତା ଘନଘନ, ଦେହେଁ ଲାଗି ଅନସନ । ପୁଲକିତ ଅପଘନ ହେବ ବଇର ଗୁହାରି ।୪।

ରାଜା—ପ୍ରିୟେ ! ଏହି କଥାତ ? ହେଉ ପ୍ରଭାତରୁ ତାର ଯୋଗାଡ଼ କରିବା । ଆମ୍ଭେତ ଦୁଇଜଣ, ଆଉ କାହାକୁ ସଙ୍ଗରେ ନେବାକୁ ହେବ ? କାଳେ କେତେବେଳେ ବିପଦ ଘଟିପାରେ ।

Digitized by srujan ka@gmail.com

ରାଣୀ—ଆଜ କାହିଁକି କାହାକୁ ନେବା, ମନ୍ତ୍ରୀଙ୍କ ନେଲେ କେବଳ ଅନେକ ଉପକାର ହେବ । କାରଣ ସେ ସବଳକାୟ ଓ ସାହସୀ । ଆପଣ କହିଲେ ସେ କେବେଁ ନାହିଁ କରିବେ ନାହିଁ ।

ରାଜା—ତେବେ ଦାସିକି କହିଥାଅ, ସେ ପ୍ରଭାତରୁ ତାଙ୍କୁ ଆମ୍ଭ ନିକଟକୁ ଡାକି ଆଣିବ ।

ରାଣୀ—ଦାସୀ ଦାସୀ !

ଦାସୀ—(ନେପଥ୍ୟେ) ମହାଦେଈ !

ରାଣୀ—ଅଲୋ ଏଣେ ଶୁଣ !

ଦାସୀ—(ସ୍ୱଗତଃ) ଖାଲି ମୋର ଏଇଯା ପେଷା ହେଇଛି । ରାତ ଅଧରୁ ପଡ଼ିଲା ଏତେବେଳେ ଦାସୀ ଦାସୀ ହୁରି ପକେଇଛନ୍ତି । କାଲେ ମା, ମୁଣ୍ଡ ଝାଳୁଛି ବୋଲି କି ମୋର ଆଜ ସୁଖ ଟିକିଏ ନାହିଁ, ଏ ସୁଖ କରିବେ,ଆମ ସୁଖ ଯାଙ୍କ ଆଖିରେ ଯିବନାହିଁ । ଡୁଭକନା ନିଦଟା ଭାଙ୍ଗିଗଲା, ଏଇ ବେପାର ଲାଗିଛି ।

ରାଣୀ—କଲୋ କଅଣ ଗୁଡ଼ାଏ ବର ବର ହଉଚୁ ?

ଦାସୀ—ନାହିଁ, ବର୨ ନୁହେ, କହୁଥିଲି କଅଣ ବେଶି ଡାକିଲେ କି ? ନିଆଁଲଗା ନିଦଟା ଆଖିରେ ଆସି ମାଡ଼ି ବସିଲା ।

ରାଣୀ—ହେଉ ଶୋଇଲେ ଶୋଇଲୁ, ରାତ୍ର ନ ପାଉଣୁ ମନ୍ତ୍ରୀଙ୍କି ରାଜାଙ୍କ କତକୁ ନେଇଯିବୁ ।

ଦାସୀ—ଆ—ଜ୍ଞା [ପ୍ରସ୍ଥାନ]

ରାଜା—ପ୍ରିୟେ ! ଚାଲ ଶୟନ ଗୃହକୁ ଚାଲ, ପ୍ରକୃତରେ ରାତ୍ର ବେଶି ହେଲାଣି ।

ରାଣୀ—ହଉ ଚାଲନ୍ତୁ । [ଉଭୟଙ୍କ ପ୍ରସ୍ଥାନ]

Digitized by srujan ka@gmail.com

ତୃତୀୟ ଅଙ୍କ

ଦ୍ୱିତୀୟ ଦୃଶ୍ୟ—ବନପଥ

{ ମନ୍ତ୍ରୀ ଏକାକୀ }

ମନ୍ତ୍ରୀ – (ସ୍ୱଗତଃ) ଏତେବଡ ବନରେ ଅସି ଦୁଇଦନ ଗତହେଲା, ପୂର୍ବକଥା କ'ଣ ରାଣୀଙ୍କର ମନେ ନାହିଁ କି ? ମୁଁ କଅଣ ନପୁଂସକ, ମୋ ଆଗରେ ଜଣେ ଶାସ୍ତ୍ରୀକ ହୋଇ ଆମୋଦ ପ୍ରମୋଦ କରିବ. ମୁଁ କପାଳ ଆଦର ଖଣ୍ଡେ ଦୂରରେ ପଡ଼ିଥିବି । ରାଜା ରାଣୀ ପୁଣି ଏଆଡ଼େ ଆସୁଛନ୍ତି ପରା,

{ ରାଜା ରାଣୀ ସହ ପ୍ରବେଶି }

ରାଜା—ପ୍ରିୟେ ! ଏ ଗିରି ଶୃଙ୍ଗକୁ ଚାହିଁଲ, ଉପରି କଳା ମେଘଖଣ୍ଡ ମାନଲାଦ ରହିଛନ୍ତି । ବର୍ଷା ଜଳ କଲ୍ କଲ୍ ନାଦକରି ଟିରିଶୃଙ୍ଗରୁ ଗଡ଼ି ଝରଣାରେ ପଡୁଛି ।

ଗୀତ—(ଢେଙ୍କ୍ ଡେଙ୍କ୍ ଶନ୍ତା ଶତ୍ରୁ—ବୃନ୍ଦେ)

ପରବତସ୍ତନା ଏହି ପର୍ବତକୁ ଦେଖ ରେ । ମଧ୍ୟେ ଉପତ୍ୟକା ବେନି ଶୃଙ୍ଗ ବେନି ପାଖରେ । ପଦ । ତାପରୁ ବରଷା ନୀର, ବହୁଆସେ ଧାରି ୨ । ଖେଳଇ ଚପଳା ଅନା ଜଳଧର ଅଙ୍କରେ ।୧। ଭ୍ରମି ବେନି କୂରେ ହାର, ଦୋଳିବା ଦେଖନ୍ତେ ତାର । ନ ରହନ୍ତା ନରମାନଙ୍କ ଭଲ ଆଣ୍ଠୁ ଠେକ ରେ ।୨। ତରୁଶିଖେ ଖେଳାଗଲା, ଖରେ ଗୁହାନ୍ତେ ଚପଳା । ଲଜେ ଅବନତ ହୋଇ ଯାଆନ୍ତା ତା ମୁଖ ରେ । ୩ । ତୋ କରକ ଦନ୍ତ ଛଳେ, କରକା ବରଷେ ଛଳେ । ତୋ କଟି କଙ୍କିଣି ରଡ଼ି କଣି ୨ ଡ଼ାକ ରେ । ୪ । ତୋହ ଝମକ ଝୁଣ୍ଟିଆ, ଭୃଙ୍ଗନ୍ତା ତାହା ଉଠିଆ । ବଇ ବୋଲଇ ଯୋଡ଼ନ୍ତା ବିବେକରି ବେକ ରେ । ୫ ।

ରାଣୀ—ନାଥ ! ଏ ଉପମା ସବୁ କଣ ମୋ ଦେହକୁ କାହିଁ ଖଞ୍ଜାଇ ଥୋଇଥିଲ ?

Digitized by srujan ka@gmail.com

ରାଜା—ପ୍ରିୟେ ! ଉପମା ଉପମେୟ ସର୍ବାଲଙ୍କାର ନ ଥିଲେ କବିର କବିତା ହୁଏନାହିଁ । ଏଣିକି ତାକୁ ଚାହୁଁଛ କିଏ ?

ରାଣୀ—ଅସ୍ତୁ ସେ କଥା ଥାଉ, ଦେଖିଲ ଏ ନଦୀ କପରି ବେଳାକୂଳ ଗ୍ରାସ କରି କଲ୍ଲୋଳ ନିନାଦରେ ତାଳେ ତାଳେ ଲହରୀ ମାଳରେ ନାଚି ନାଚି ସାଗରାଭିମୁଖକୁ ଚାଲିଯାଉଛି । ଚାଲ ଟିକିଏ ନୌକାରେ ଭ୍ରମଣ କରିବା ।

ରାଜା—କାଳେ କିଛି ବିଘ୍ନ ଘଟିବ ?

ରାଣୀ—ନା, ମନ୍ତ୍ରୀ ଯେବେ କହୁଥିଲେ, ସେ ଭଲ କାଉ ମାରି ଜାଣନ୍ତି ।

ରାଜା—ନୌକା କେଉଁଠି, ଯେବେ ମନ୍ତ୍ରୀ ଯାଇକରି ଅନ୍ୱେଷଣ କରି ଆଣନ୍ତୁ । ମନ୍ତ୍ରୀ ! !

ମନ୍ତ୍ରୀ—ମହାରାଜ !

ରାଜା—ଦେଖିଲ କେଉଁଠି ନୌକା ମିଳିବ, ରାଣୀ ନୌକାରେ ବୁଲିବାକୁ ମନେ କରୁଛନ୍ତି ।

ମନ୍ତ୍ରୀ—ଆପଣ ସେ ଗଛ ମୂଳେ ଟିକିଏ ବିଶ୍ରାମ କରନ୍ତୁ, ମୁଁ ନୌକା ସ୍ଥିର କରେଁ । [ରାଜା ରାଣୀ ନେପଥ୍ୟେ ଗମନ] ଠିକ୍ ଯୋଗାଡ଼ ଲଗିଛି, ଦେଖେଁ ଦୂରେ କର୍ଣ୍ଣଧାରଙ୍କ ଗୀତ ଶୁଣା ଯାଉଛି, ନିକଟରେ ଘାଟ ଅଛି ପରା [ପ୍ରସ୍ଥାନ]

{ ଦୁଇଜଣ ନାବିକ ଗୀତ ଗାଇ ଡଙ୍ଗାବାହି ପ୍ରବେଶ }

୧ମ—ଆରେ ଭାଇ ! ସେ ପୋଉଁ ଦାନୁବ ନୂଆ କବି ଗୀତ କଣ ଶିଖିଚୁ ଗାଇଲୁ ?

୨ୟ—ନାରେ, ସେ ଗୀତ ସାଙ୍ଗରେ ଖାଲି କଥା ଗୁରା ମୁଁ ତାକୁ ଭଲ ପାଏନା, ଆଉ ଗୋଟା ନୁହେ, ନୂଆଙ୍କ ନୁହେଁ ପୁରୁଣା କବି ଅଛି, ତାଆରି ଗୀତ ଶୁଣ ଚାଉଚି ।

Digitized by srujan ka@gmail.com

ଗୀତ—(କେଉଟ ଗୀତ—ବୃନ୍ଦେ)

ଧାଇଁଅଛି ନଈ ଦୁଇକୂଳ ଖାଇ କର କଳ କଳ ନାଦ । ଉଠୁଛି
ଭଉଁରୀ ତା ସଙ୍ଗେ ଅଗ୍ନି, ବାଳିଆ ଭାଇରେ, ଶୁଣି ଚହଟାଇଁ
ପାଦ । ୧ । ଗଣ୍ଡା ଗଣ୍ଡା ହୋଇ ଭାସି ଯାଉଛନ୍ତି ଗୁହାଁ ଏ ଖଣ୍ଡା
ମଗରେ । କଟଦେବ ଥଣ୍ଡା ପଡ଼ିପିଠ ଯିଏ ଦଣ୍ଡେ ତାହାଙ୍କ
ଅଗରେ ।୨। ପଡୁ ି ଆଷାଢ଼େ ପାଣି ଦଉ 'ରୁ ଗୋଳିଆ ଦଣ୍ଡୁଛି
ଭାର । ନୂଆରଜା ବୋହୁ ଗାଧେଇ ଆସୁଛି ହୋଇବ ଅଛନ
ଜାର ।୩। ବାଆଁ ତାହାଣରେ ଦାସୀ ପଟ ାସି ପଣପଣ ଛନ୍ତି
ଜଗି । ବେଳ କାଳ ଜାଣି କରୁ ନ୍ତି ଅଟୋ ବାଳିଆ ଭାଇରେ,
କୁଙ୍କୁମ ତଇଲ ଲାଗି । ୪ । ସ୍ୱ ୀବ ଗୋଠା ଏ ପଡ଼ନ୍ତା ଯେବେ ରେ
ରାଜାଙ୍କୁ ଦଅନ୍ତେ ଭେଟି । ବଇଆ ବୋଲଇ ବକସିସି ପାଇ,
ବାଳିଆ ଭାଇରେ, କମର ଯାଆନ୍ତା ଫାଟି । ୫ ।

୧ମ—ଭାଇ ! ଆଜି କାଲିତ ପାଣିର ଭାର ଛୋଡ଼, ଗୋଳିଆ
ପାଣି ବେଳେ ୨ ତ ବାଳିଆଛୁଆ । ସେ ବାଳିଆ କଣ ବଡ଼;
ଏଇକ୍ଷଣି ହେବ କରେ. ଯେବେ ଥିବେ, ଗୋଠା ଗୋଠା
ପୁରୁଣା ବାଳିଆ କୋଉଠି ଥିବେ, ଛାଡ଼ ସେ କଥା,
ସେଦିନ ଯୋଉ ବାଳିଆ କବି ଗୀତ ଗାଇଥିଲା ଏତ ସେ
ନୁହେଁ, ଏତ ଆଉ ପରକାରେ ଲାଗିଲା ।

୧ମ—ଏ ବାଳିଆ କବି ନୁହେଁ, ଏଠା କବିଙ୍କ ଭିତରେ ମାଗୁର
ସ୍ୱାକୁ ପରି ବେମାରିଆ ମଣିଷ ପଥି କରିବେ ।

୨ୟ—ଯାରେ ଯା, ଏ ଗୀତ ମାଇପେ ଶୁଣିବେ ।

୧ମ—ହଁ ଠିକ୍, କହନ୍ତି ଅଣ୍ଡିରା ଗୀତଟା ଗାଇଲା, ଆରେ ଓଳ୍ଡ
ମାଦଗୀତ ଗୀତ ଯେ ସାର୍, ଯେ ମାଦ ଗୀତରେ ଭେଦନ,
ସେ ତାକୁ ରଦ କହିବ ନାହିଁ, ଗୀତର ସୁରବ ମାଦ ?

୨ୟ—ଏଠା କଏରେ, ଏତକ ବେଳେ ଅସିଲା ଏ ରଜାଘର
ମଣିଷ କି ?

Digitized by srujan ka@gmail.com

୧ମ—ଅରେ ଅଣ୍ଡିରୁଣ୍ଠା, କହୁଚୁ ରଜାଘର ମଣିଷ, ସେ ପରୁ ରାଣୀଙ୍କ କହନ୍ତୁ; କେମନ୍ତେ ଚିହ୍ନିଲୁ ସେ ରଜାଘର ମଣିଷ ?

୨ୟ – ସେ ସବୁ ଗପ୍ ମାରଜା ମରୁ, ସହଜରେ ହଣ୍ଡବେ କରେ ? ଦେଇଛ ଏଇଅଡ଼େ ଆସିଲୁ,

ମନ୍ତ୍ରୀ—(ପ୍ରବେଶି) ହୋ ମାଝି ! ତଙ୍ଗା ଘେନ ଗୁଲ, ବକ୍‌ସିସ ପାଇବ, ଆମର ବାହୁବା ଲୋକ ଅଛନ୍ତି ।

୨ମ—ତେବେ ଏ ପଟେଇଣ୍ଠା ନେଇଯା, କଣ ଦବ ଦେଇଯା, ରଜାଙ୍କର ଆମର ମନା ଘାଟ ଗୁଡ଼ କେହୁ ଯିବୁନାହିଁ ।

ମନ୍ତ୍ରୀ—ନଅ ଏ ଟଙ୍କା ପାଞ୍ଚଟା ରଖ, ତଙ୍ଗା ଜମା କଲାବେଳେ ଆଉ ପାଇବ ।

୧ମ—ତୁମେ କଣ ହାତରେ ମାରି ନବ ? ନେଇ ଯା ।

[ମନ୍ତ୍ରୀ ତଙ୍ଗାଘେନ ପ୍ରସ୍ଥାନ]

ଗୁଲରେ ନଟ ସେ ଗଛମୂଳେ ଲହୁ ଖଟେଇ ଦଉଣ୍ଠା ଥୋପେଇ ବସେଇବା । ପାଞ୍ଚଟଙ୍କାତ ହାତ ଚଢ଼ିଲା । ପରବା କ'ଣ ।

୨ୟ—ମୁଁ କହୁଚି, ପରବା କଣ, ମାଛଦଣ୍ଠା ଧ ।

[ଉଭୟଙ୍କ ପ୍ରସ୍ଥାନ]

ତୃତୀୟ ଅଙ୍କ

ତୃତୀୟ ଦୃଶ୍ୟ—ନଦୀତୀର

{ ସୁନ୍ଦର ନଦୀତୀରେ ମୃଗୟାବେଶେ ଦୂତସହ ଭ୍ରମଣ }

ସୁନ୍ଦର—ଦେଖିଲୁ ଦୂତ ! ଏ ନଈ ମଝିରେ କଏ ତନାଟା ଧରୁ ପରୁ ହଉଛନ୍ତି । ହେଇ ତଙ୍ଗା ବୁଡ଼ିଲା ଶୀଘ୍ର ଆମ ଘାଟ ତଙ୍ଗା ଅଣ । ଅରେ ସେ ମଲେ ରେ ।

Digitized by srujan ka@gmail.com

ଦୂତ—ତେବେ ମୁଁ ଯାଉଛି ନାହାନେଇ ତାଙ୍କୁ ଧରିଆଣେ ।

[ପ୍ରସ୍ଥାନ]

{ ରାଜା, ରାଣୀ, ମନ୍ତ୍ରୀ ତିନିଜଣଙ୍କୁ ଘେନି ଦୂତର ପ୍ରବେଶ }

ସୁନ୍ଦର—ହଇ ହେ, ତୁମ୍ଭେ ତିନିଜଣ ନଈ ମଝିରେ ମାଡ଼ଗୋଳ ହେଉଥିଲ କାହିଁକି ?

ମନ୍ତ୍ରୀ—ମହାରାଜ ! ଆଗେ ମୋ ଦରଖାସ୍ତ ଶୁଣନ୍ତୁ

ଗୀତ—(ରହିପାରିବ କେ ପ୍ରାଣ—ବୃତ୍ତେ)

ମୁହିଁ ହେଉଥିଲି ଏହି ନଦୀପାରି ହେ । ଦଣ୍ଡଧର । ମୋର ରମଣୀକି ଘେନି ସହିତରେ ହେ । ପଦ । ଏ ପାଷାଣ୍ଡ କେଉଁଠାରୁ ଆସି, ଗୃଣ୍ଡେ ସେ ନାବରେ ଗଲା ବସି । ମିଛେ, କହୁଛି ଏ ବାମା ମୋର । ୧ । ଏହା ଭଣି କଲେ ଝଗଡ଼ା, ଠେଲନ୍ତେ ନାବେ ପଶିଲା ପାଣି । ଜାଣି ନ ପାରିଲି କୂଟ ଛନ୍ଦ ସ୍ୱାର । ୨ । ବୁଝିଣ କାରଣ ଦିଅ ଦଣ୍ଡ, ଏ ପାଷାଣ୍ଡ ଚଣ୍ଡ ଦୁରୁଦଣ୍ଡ । ଶୁଣି କି ବୋଲିବେ ଏ ସଚରାଚର । ୩ । ଏତିକି ଦୀନର ନିବେଦନ, ବାସେ ଯିବୁ ବହିଯାଏ ଦିନ । ଦୀନ ବଇଷ୍ଣବ ଲୋଡ଼େ ପ୍ରତିକାର । ୪ ।

ସୁନ୍ଦର—କହ ଗୋ ତରୁଣିମଣି କେ ତୁମ୍ଭର ପତି ?

ରାଣୀ—ଯା ବୋଇଲେ ସ୍ୱାମୀ ମିଥ୍ୟା ନୁହେଁ ସେ ଭାରତୀ ।

ସୁନ୍ଦର—ଏ କାହିଁକି ମିଛେ ଯାଇ କଲେ ଝଗଡ଼ା ?

ମନ୍ତ୍ରୀ—ଦେଖିଲେ ମଧୁର ଦ୍ରବ୍ୟ ତୁଣ୍ଡରୁ କାର ନ ବହିବ ପାଣି ।

ସୁନ୍ଦର—ହେ ପୁରୁଷ ! ମିଥ୍ୟା ଅଭିଯୋଗେ ତୁମ୍ଭେ ହେବ ଦଣ୍ଡନୀୟ ।

ରାଜା—କାଳର ଗତି ଏମନ୍ତ, ଅଧମ ପାତକୀ ଲଭେ ସୁଖ, ଧାର୍ମିକର ଭାଗ୍ୟ ଦୁଃଖମୟ ।

ସୁନ୍ଦର—ଶୁଣିଲ ତ କି କହିଲା ରମଣୀ ଏ ସ୍ଥଳେ ?

Digitized by srujan ka@gmail.com

ରାଜା—କହ, ତାହାଙ୍କ ମୋ ମନେ ଶଙ୍କା ନାହିଁ ଭଲେ !

ଗୀତ—(ନେଇ ଯାଅ ଏ ଫୁଲ—ବୃନ୍ଦେ)

ସତ୍ୟେ ଯଦି ନାଗ ମସ୍ତକେ ବହୁଥିବ ଏ ମହୀ । ସତ୍ୟେ ଯଦି ନଭେ ଉଦିତ ହୁଅନ୍ତି ମିହିରସାଇଁ ॥ ୧ ॥ ସତ୍ୟେ ବଦ୍ଧହୋଇ ଯଦିଚ ବହୁଥିବ ଅନଳ । ସତ୍ୟେ ଯେବେ ସାଗର ଗ୍ରାସୁ ନ- ଥିବେ କୂଳ ॥ ୨ ॥ ସତ୍ୟେ କାଷ୍ଠ ଯେବେ ଭାସୁଥିବ ଜଳରେ ସତ୍ୟେ ଜଗବନ୍ଧୁ ତେବେ କି ଥିବେ ନୀଳାଚଳରେ ॥ ୩ ॥ ସତ୍ୟେ ବଦ୍ଧହୋଇ ଯେବେ ଏ ଧରିଥିବ ମୋ କର । ତେବେ ସ୍ୱ ମି- ଥ୍ୟା ପାପକୁ ଭୋଗିବ ଏ ନାକର ॥ ୪ ॥ ଯଉବନମଦ- ଗର୍ବରେ ପଡ଼ି କଲା ଏ କାଣ୍ଡ । ପ୍ରଭୁ ରମଣୀଙ୍କ ରମିଲା ଭୃତ୍ୟ ହୋଇ ଏ ଭଣ୍ଡ ॥ ୫ ॥ ଉଭୟେ ଏ ପାପ ଫଳରେ ଦନେ ପାଇବେ ସଜା । ବଇଷ୍ଣବ ଭଣି ବାଜିବ ଦନେ କଳଙ୍କବାଜା ॥ ୬ ॥

ସୁନ୍ଦର—ସେ ଯାହାହେଉ, ଅମ୍ଭେ ବଗୁରରେ ଯାହାପ୍ରମାଣପାଇଛୁଁ, ତହିଁରେ ବଗୁରପତିର ଦୋଷନାହିଁ । ଦୂତ ! ଏ ଦୁଇ ଜଣଙ୍କ ବନ୍ଧନ ଫିଟାଇଦେ । ଆଉ ଏ ଜଣକୁ ଘେନ ଅମ୍ଭ କାରାଗାରକୁ ଚାଲ । ଅନ୍ୟ ଆଦେଶ ନ ହେବାଯାଏ ସେଠାରେ ଏ କାରାଦଣ୍ଡ ଭୋଗ କରନ୍ତୁ । ଜେଲ ଭିତରେ କୌଣସି ପରଶ୍ରମ କରିବେ ନାହିଁ । ଏହାଙ୍କୁ ଅଶ୍ରମ କାରାଦେଶ ହେଲା

ମନ୍ତ୍ରୀ—ତେବେ ଅମ୍ଭେ ଦୁହେଁ ସ୍ୱସ୍ଥାନକୁ ପ୍ରସ୍ଥାନ କରୁଛୁଁ !

ସୁନ୍ଦର—ଯାଅ, ନର୍ବିଘ୍ନରେ ତୁମ୍ଭେ ତୁମ୍ଭ ଦେଶକୁ ଓ ବାସକୁ ଗମନ କର । [ରାଣୀସହ ମନ୍ତ୍ରୀର ପ୍ରସ୍ଥାନ]

ଦୂତ—ମହାରାଜ ! ଚାଲନ୍ତୁ ବେଳକମେ ବଳଯାଉଅଛି ସୂର୍ଯ୍ୟଅସ୍ତ ହେଲେଣି । ପୁଣି ଅନ୍ଧାରରେ ବାଟ ଦିଶିବ ନାହିଁ ।

Digitized by srujan ka@gmail.com

ସୁନ୍ଦର—ଦୂତ ! ଏ ବନ୍ଦୀକି ନେଇ ମୋ ପଛେ ପଛେ ଆସ, ମୋର ମୃଗୟା ଉପକରଣ ସବୁ ଆଗରେ ଚାଲି ଯାଇଛି ?

ଦୂତ—ଆଜ୍ଞା ! [ରାଜାଙ୍କୁ ବନ୍ଧନ କରି ଦୂତ ଓ ସୁନ୍ଦର ପ୍ରସ୍ଥାନ]

ତୃତୀୟ ଅଙ୍କ

ପଞ୍ଚମ ଦୃଶ୍ୟ—ରାଜଭବନ

{ ସେବତୀ ସହ ଦାସୀର ପ୍ରବେଶ }

ସେବତୀ—ଦାସୀ ! ତୁ ସେ ବନ୍ଦୀରେ ଥିବା ଲୋକଟିର ତତ୍ତ୍ୱ ନେଉଚୁତ ? ସେଥିପାଇଁ ଯେ ରାଜାଙ୍କର ବଡ଼ ବଡ଼ ଭାର ତାଙ୍କଦ, କାହିଁକିନା, ସେ ଜଣେ କେଉଁଠି-କାର ରଜା, ତାଙ୍କପାଇଁ ବୋଝରେ ଭଲେ ନିୟମ । ସେଇ ଅନ୍ୟ ବନ୍ଦୀଙ୍କପରି ନୁହଁନ୍ତି ତାଙ୍କୁ ତାଙ୍କ ମର୍ଯ୍ୟାଦାରେ ରଖାଯିବା ଦରକାର ।

ଦାସୀ—ମହାଦେଈ ! ମତେ ତାଙ୍କ ପାଖୁ ଆଉ ଖାଦ୍ୟ ଦେଇ ପଠାଇବ ନାହିଁ । ଡମାର ଏତେ ତାଙ୍କ ବିକଳ ଦେଖି ନିତ କାନ୍ଦିବ କିଏ ?

ସେବତୀ—ଆଲୋ ତୁ କାନ୍ଦୁ କାହିଁକି ? ବିକଳ କଣ ?

ଦାସୀ—ଶୁଣିବ ସେ କଥା, ଶୁଣିଲେତ ତମ ଆଖିରେ ଲୁହ ରହିବ ନାହିଁ ।

ଗୀତ—(କହ କେଣେଅଛୁ—ବୃତ୍ତେ)

ମହାରାଣି ଗୋ, କିଏ ଜାଣିବ କାହାର ଭିତର କଥା । ସେତେ-ବେଳେ ଯାଏଁ ତେତେବେଳେ ଚୂହେଁ ପୋତି ବସିଥାନ୍ତି ମହୀକି ମଥା । ପଦ । ଧାରେ ଧାରେ ନୀର ନେତ୍ରୁ ଝରୁଥାଏ ନ ଚାଖନ୍ତି ଅନ୍ନ ସୀଝା କି ପିଠା । ଏହିପରି କେତେ ସହି ଉପବାସ ଥାଇ କରି-ବାରେ ରହିବ ଚେତା । ୧ । ବାଣ୍ଟପରି ସଦା ଗାଇ ହେଉଛନ୍ତି

Digitized by srujan ka@gmail.com

ସୁନ୍ଦର୍‌ ଶୁଣିଛୁ ମୁଁ ତା । ବହୁତ ଗଲାଣି ପହର ଦରଶ ଶୁଣି
ଦେହ ଧଳଇ ବଡା । ୨ । ଜଣାନ୍ତୁ ଖବର ରାଜାଙ୍କୁ ଅବର
ଅଦଭବେ କମା ଜାବର ହତ୍ୟା । ମିଛ କହୁନାହିଁ ପୃଚ୍ଛନ୍ତୁ ସେ
ପାଇଁ ଦ୍ଵିଜ ବଇନ୍ଧିବ ରଚ୍ଛେ କବିତା । ୩ ।

ସେବତୀ—ଦାସୀ ! ତୁ ଏ କଥା ପେଟରେ ପୁରାଇ ଅଳସାଏ ରଖିଛୁ । ଅଗରୁ ତ କହିଥିଲେ ତାଙ୍କୁ ଆଣି ପଗୃଥୋନ୍ତେ । କଥାଟା କେତେଦୂର, ଚୋର ଗଲାପରେ ଘରେ ଗୃବ ଦେବାକୁ ଗଲୁ । ହଉ, ଯାହା ହେବାର ହେଲାଣି, ପଛ କଥା ଭାବି ମିଛରେ କିଛି ଫଳନାହିଁ । ତୁ ଚଞ୍ଚଳ ଯିବୁଟି, ରାଜା ବାହାର ମେଲରେ ପଶା ଖେଳୁଛନ୍ତି । ମୋ ନା' କହି ତାଙ୍କୁ ଏଠିକି ଡାକି ଆଣିବୁ । କହିବୁ, କଣ ଭାରି ତରତରିଆ କାମ ଅଛି, ରାଣିମା ଡାକୁଛନ୍ତି ।

ଦାସୀ—ହଉ ମୁଁ ଯାଉଛି । [ପ୍ରସ୍ଥାନ]

{କିଛିକ୍ଷଣ ପରେ ପୁଣି ପ୍ରବେଶ।}

ସେବତୀ—କିଲୋ ନାହାନ୍ତି କି; କଣ ଚଞ୍ଚଳ ଫେରି ପଡ଼ିଲୁ ।

ଦାସୀ—ମହାଦେଈ । ମୁଁ ଗଲାବେଳେ ଏଣୁ, ସେ ତେଣୁ ଏଠାକୁ ବିଜେ କରୁଛନ୍ତି । ମୁଁ ଦେଖିଲି ଯଦ୍ଧୁଁ ସେ ଏଣେ ଆସିବା, ତମ କଥା କିଛି କହିଲି ନାହିଁ । ସେଇ ଉଲକର ଦେଖି ପାରି ନାହାନ୍ତି ।

ସୁନ୍ଦର—(ପ୍ରବେଶି) ପ୍ରିୟେ ! ବିରସ ମନ କାହିଁକି ?

ଗୀତ—(ଜୟ ରଘୁନାଥ—ବୃତ୍ତେ)

କହ ମନହାସୀ କି ଭାବୁଛୁ ବସି ଶୁଣିବୁ କି ମନ କଥା ।
ନ ରଖିଣ ଛନ୍ଦ ପରକାଶ କୁନ୍ଦଦଶନା ରତି ପଣ୍ଡିତା । ଅରେ
ପ୍ରାଣ ବାନ୍ଧବୀ । ମୋର ପ୍ରେମକାନନ ସାଧବୀ । ୧ । ସନ୍ଦର୍ଭ

Digitized by srujan ka@gmail.com

ହାସିନୀ କନ୍ଦରପ ଦର୍ପହାରା ମନ୍ଦରଭୂଧରା । ସୁନ୍ଦର ନୟନ ମୋହନା ଚନ୍ଦ୍ରମୁଖୀ ନଥିଲ କେଉଁଠାରେ । ମୋ ଆନନ୍ଦ ସଂସାର, ପୁରନ୍ଦର ପଦବୀ ପାଶୋରି । ୨ । କହ ସତ୍ୟ କଥା ଦହ ଚିତ୍ତ ବ୍ୟଥା । ରହନା ନୀରବ ହୋଇ । ବନ୍ଦୀନାହିଁ ଫିରେ ବୃଥା ଚିନ୍ତା ତୋଷ ମୋ ଶୁଣ ସପ୍ତସ୍ଵର । କାହିଁପାଇଁ ଏ ଭାବ ।। ରସେ ଭାସେ ଦ୍ଵିଜ ବଇତ୍ତିବ । ୩ ।

ସେବତୀ—ହେ ଦେବ୍ ଈଶ୍ଵର !

ସେ ବଡ଼ ଦୁରୁହ କଥା, ବ୍ୟଥାଦଏ ଚିତ୍ତେ । କ୍ଷମା-ଦେବ ଅଧିନାକୁ ମାଗୁଛି ଆଗରୁ ଶୁଣି ଯେବେ କ କଷ୍ଟପାଅ ହୁଏ ମନେ ?

ସୁନ୍ଦର—ଦୋଷ କ ଧରୁଛି ତୋର ? ରେ ଧର୍ମିମଣ୍ଡନା । ତୋତେ ଦେଲି ଅନୁମତି କହ ଯାହା ମନାନାହିଁ ମୋର ।

ସେବତୀ—ଗୁଣମଣି ! ଶୁଣ ତେବେ ସେ ଦୁଃଖ କାହାଣୀ ।

ଗୀତ—(କଲାମାଣିକ—ରୂପକ)

ନଦୀ ଗରଭରୁ ଯେଉଁ ବନ୍ଦୀକୁ ଉଦ୍ଧାର । ତବ କାରାଗାରେ ଆଣି ରଖିଅଛ ଭର । ଜୀବ-ଜୀବନ ହେ । ୧ । ବୁଝୁଛତ ନାଥ ତାର ଲଭ ହାନ । ବଞ୍ଚୁଛି କ ବରଣ କଲଣି ମୃତ୍ୟୁ ସଞ୍ଜିବନୀ । ଜୀବ-ଜୀବନ ହେ । ୨ । ଏପର ଯେବେ କ ନେବ ରାଜ୍ୟର ଖବର । ଶୁଣି କ କହିବେ କହ ଆନ ନରବର । ଜୀବ ଜୀବନ ହେ । ୩ ସେହି ବନ୍ଦୀ ସିରା କାନ୍ଦୁଅଛି ଅବିରଳ । ତୁମେ କେବେ ଭୁଲେ ନ ଦଅଇ ଅନ୍ନ ଜଳ । ଜୀବ ଜୀବନ ହେ । ୪ । ହା ସୁନ୍ଦର ହା ସୁନ୍ଦର ଉଚାରନ୍ତି ମୁଖେ । ଦୀର୍ଘଶ୍ଵାସ ଛାଡ଼ି ଢଳ ପଡ଼ ଶିରେ ଦୁଃଖେ । ଜୀବ-ଜୀବନ ହେ । ୫ । ଯଦି ସେ ଜନର ଅକସ୍ମାତ ଘଟେ କ୍ଷତ । ଭାବ କ କରିବା ବଇଷ୍ଣବର ବନାନ୍ତ । ଜୀବ-ଜୀବନ ହେ । ୬ ।

Digitized by srujan ka@gmail.com

ସୁନ୍ଦର—ପ୍ରିୟେ ! ତୁମ୍ଭେ ସ୍ନାହାନ କରିବ ଯାଅ । ମୁଁ ସେ ବନ୍ଦୀ ନିକଟକୁ ଦୂତକୁ ଯେନ ଯାଉଛି, ପ୍ରକୃତରେ ତହିଁରେ ମୋର ଭ୍ରମ ହୋଇଅଛି । ତୁମ୍ଭଙ୍କୁ ଏ ସବୁ କହିଲା କିଏ ? ଶୁଣିଛ କାହାଠାରୁ ?

ସେବନ୍ତୀ—ମୋତେ ଦାସୀ ଆସି କହିଲା, ମୁଁ ତାହାଠାରୁ ଶୁଣିଲି । ସେ ଦାସୀ ପରା ତାଙ୍କ ପାଖକୁ ନିତ ଖାଦ୍ୟ ନେଇଯାଏ ।

ସୁନ୍ଦର—ଥାଉ, ଆଉ କହିବାକୁ ହେବନାହିଁ, ମୁଁ ଯାଉଛି ସେ ତତ୍ତ୍ୱ ନ ନେବାଯାଏ ତୁଣ୍ଡରେ ଅନ୍ନ ଜଳ ଦେବନାହିଁ । ଗୋଟିଏ ଲୋକକୁ ମୁଁ ଏକପକ୍ଷ କାଳ ଅନାହାରରେ କାରାବନ୍ଦ କରି ରଖିଛି । ମୋ ଠାରୁ ପାପୀ ନାରକୀ କେହି ଜଗତରେ ନ ଥିବେ ଜଣାଯାଏ । ଧିକ୍ ମୋର ରାଜକାର୍ଯ୍ୟକୁ, ଧିକ୍ ମୋର ରାଜ୍ୟଦଣ୍ଡ ବହନ କରି, ଧିକ୍ ମୋର ରାଜ ଉପଭୋଗ । ଶତଧିକ୍ ମୋର ଏ ନିର୍ଲ୍ଲଜ୍ଜ ଜୀବନ ଧାରଣକୁ । [ପ୍ରସ୍ଥାନ]

ତୃତୀୟ ଅଙ୍କ

ଷଷ୍ଠ ଦୃଶ୍ୟ—ବନ୍ଦୀଘର

{ କାରାଗାରେ ରାଜା ଏକାକୀ }

ରାଜା—(ସ୍ୱଗତଃ) ହାଏ ! ଏ ନିର୍ଲ୍ଲଜ୍ଜ ପ୍ରାଣ ଯାଉନାହିଁ କାହିଁକି ? କାହିଁ ପ୍ଲକ୍ଷଦୀପ ରାଜନନ୍ଦର, କାହିଁ ବିଜୟକେଶରୀ କାରାଗାର, କାହିଁ ରାଜଦଣ୍ଡ ମଣ୍ଡିତକର, କାହିଁ ଲୌହ ଶୃଙ୍ଖଳ ବନ୍ଧ ହସ୍ତପଦ । କାହିଁ କରୀଦନ୍ତ କାଞ୍ଚନ ଜଡ଼ିତ ସିଂହାସନ, କାହିଁ ପୁଣି କାରାଗାର ଭୂତଳ ଆସନ । କାହିଁ ସ୍ୱର୍ଣ୍ଣପାତ୍ରେ ମିଷ୍ଟାନ ଭୋଜନ, କାହିଁ ଅନଶନେ ଜୀବ ଯାପନ, କାହିଁ ରମଣୀର ତୁଲେ

Digitized by srujan ka@gmail.com

ବିଜନ ବିହାର, କାହିଁ ସେ ରମଣୀ କଣ୍ଠେ ଶୋକେ
ଜରଜର । ବିଧାତା ! ଏ ସବୁ ତୋହର ଖେଳ ସିନା,
ତୁ କାହାକୁ କି ନ କରିପାରୁ ।

ଗୀତ—(ଜୟ ଶ୍ରୀରାଧେ—ବୃତ୍ତେ)

ଶ୍ରେଷ୍ଠ କେହି ନାହିଁ ପରମେଷ୍ଠିରେ ତୋହଠାରୁ । ପଦ । ଯା
ଭାଲେ ଯାହା, ଲିହିଛୁ ତାହା । ଖଣ୍ଡାଇ ଥାଉ ତା ଆଗରୁ ରେ ।୧।
ସିଂହ ଆହାର, ଭୁଞ୍ଜେ ଶୂକର । କାହାକୁ ମାରୁ କାରେ ତାରୁ ରେ ।୨।
କ୍ରୀଡ଼ା କନ୍ଦୁକ, ପରି ଏ ଲୋକ । ହସାଇ କନ୍ଦାଇଣ ପାରୁ ରେ ।୩।
ଘୋର ଅନ୍ଧାରେ, (କାକୁ) ଫିଙ୍ଗୁ ଧନ୍ଧାରେ । କା ପାଶେ ଦିବ୍ୟା-
ଲୋକ ଧରୁ ରେ । ୪ । ବଳ ବିରଚେ, ଜୀବ ଯା ପାଞ୍ଚେ, ତୁ ତାହା
ବିପରୀତ କରୁ ରେ । ୫ ।

(ସୁନ୍ଦର ଦୂତସହ ରାଜାପାଶେ ପ୍ରବେଶ)

ସୁନ୍ଦର—ଶୁଣ ବନ୍ଦୀ ବୃଥା କାନ୍ଦିଲେ କି ହେବ
ମାନବର ଭାଗ୍ୟଚକ୍ର ଘୂରେ ଘନ
କେବେ ଊର୍ଦ୍ଧ୍ୱେ କେବେ ଅଧୋଦେଶେ
ମାୟାମୋହେ ଜଡ଼ିତ ଜଗତ
ଅନିର୍ବାର୍ଯ୍ୟ ଗତି ନିୟତିର
ଜୀବର ଅୟତ୍ତ କିଛି ନାହିଁ ଏ ଭବରେ
ତୁମ୍ଭେ ଦୋଷୀ ବୋଲି
ବିଚାରେ ହେବାରୁ ପ୍ରମାଣିତ
ସେ ହେତୁ ବନ୍ଦରେ ପଡ଼ିଅଛ ବନ୍ଦୀଭାବେ
କେବେ ଦୋଷ ଦେବ ନାହିଁ ମୋତେ
ପଚ୍ଛୁରିବ କଥାଏ ତୁମ୍ଭଙ୍କୁ ।

ରାଜା—କି ପଚ୍ଛୁର ମହାରାଜ କଷ୍ଟହୀନ ଜନେ
ଦୋଷୀ ଅବଗ ଭାଷିବ କି କଥା ?

Digitized by srujan ka@gmail.com

ସୁନ୍ଦର—ଶୁଣ ବନ୍ଦୀ ପ୍ରଶ୍ନ ଯାହା ମୋର ।

ଗୀତ—(ଯାଅ ଗୋ ଉର୍ବଶୀ—ବୃତ୍ତେ)

କହ କହ ବନ୍ଦୀ ହୃଦୟ ଫେଡ଼ । କିମ୍ପା ଅନାହାରେ ରହିଛ ପଡ଼ । ପଦ । କିମ୍ପା ଅବିରଳ, ଢ଼ାଳ ଅଶ୍ରୁଜଳ । କର୍ମଫଳ କାର କେ ନେବ କାଢ଼ି । ୧ । ଜଣାଇଲ ଦାସୀ, ଶତ୍ୟ ଉପବାସୀ । ଭାବେ ଏକପକ୍ଷ ଟଳାଣି ଗଡ଼ି । ୨ । କେଡ଼େ ଭୋଗରଙ୍ଗ, ଦାଗଇ ସବାଙ୍ଗ । ଯିବ ପ୍ରାଣପକ୍ଷି ପିଞ୍ଜର ଛାଡ଼ି । ୩ । ମନୁ ଶଙ୍କା ଦେଇ, ଭାଷ ମୋତେ ହେଳ । ବଇଷ୍ଣବ ଲେଖେ ଏ ପଦଯୋଡ଼ି । ୪ ।

ରାଜା—ହେ ରାଜନ ଭୋଗୁଛି ମୁଁ କୃତ କର୍ମଫଳ
ନାହିଁ ଦୋଷ ଏଥିରେ କାହାର
ଋଷିଙ୍କ ବଚନ ଆସି ଫଳିଛି ଅଚିରେ
ଅଛି ଗୃଣକ୍ୟ ଲିଖନ
ଦୁଷ୍ଟାଭାର୍ଯା । ଶଠଂମିତ୍ରଂ
ଭୃତ୍ୟ ଶ୍ଚୋତ୍ତର ଦାୟକ
ସସର୍ପଶ୍ଚ ଗୃହେ ବାସ
ମୃତ୍ୟୁରେବ ନ ସଂଶୟଃ ।
ମହାରାଜ !
ଦୁଷ୍ଟା ଜାୟା ଲକ୍ଷଣରେ ପଣ୍ଡ
ସୁନ୍ଦର ପର୍ ଭାଇକ ବସିଲ୍ ହଜାଇ
ଶଠମିତ୍ର ମନ୍ତ୍ରୀ ମୋତେ ଦେଲେ ଏତେ ଦୁଃଖ
ଭୃତ୍ୟ ହୋଇ ପ୍ରଭୁ ବାମା କଲେ ବରଣ
ଦୁର୍ମତି ଗୃଣାଳ ରାଣୀ ଦୁଷ୍ଟା କୁହୁକିନୀ
ତାର ପ୍ରେମେ ମାତି ମୋତେ ଫିଙ୍ଗିଥିଲେ ଜଳେ
ଭାଗ୍ୟେ ଶ୍ଚମ୍ ମିଳିବାରୁ ତହିଁ
ଭୋଗେ ପଚ୍ଛେ କାୟଦଣ୍ଡ ରହିଲା ପରାଣ ।

Digitized by srujan ka@gmail.com

ସୁନ୍ଦର—କି ନାମ ତୁମ୍ଭର ଅଟେ କାହାର ନନ୍ଦନ ?
କେଉଁ ଦେଶେ କର ନିତ୍ୟ ବାସ ?

ରାଜା—ପ୍ଲକ୍ଷଦ୍ୱୀପ ଯଯାତିଙ୍କ ଜ୍ୟେଷ୍ଠପୁତ୍ର ମୁହିଁ !
ମୋ ନାମ ମୋହନ !
ମୋହର କନିଷ୍ଠ ଭ୍ରାତ ସୁନ୍ଦର ଯେ ଅଟେ ।

ସୁନ୍ଦର—ଜାଣିଲି ଜାଣିଲି ଏତେବେଳେ ଭାଙ୍ଗିଲା ମୋ ଭ୍ରମନିଦ୍ରା ଗାଢ଼
। ଫିଟିଲା ମୋ ଜ୍ଞାନ ନେତ୍ର
ଭାଗ୍ୟାନୁ ଉଦିତ ମୋ ପୂର୍ବ ଗଗନେ ।
ହେ ଅଗ୍ରଜ ! କରିଛି ଶ୍ରୀପଦେ ଅପରାଧ
ଏ ତବ କନିଷ୍ଠ ଭ୍ରାତ ଅଭାଗା ସୁନ୍ଦର
ରାଜ୍ୟତ୍ୟାଗୀ ଭ୍ରାତୃତ୍ୟାଗୀ ଘୃଣିତ ପିଶାଚ ।
ପଡ଼ୁଛି ଚରଣେ କ୍ଷମାକର କ୍ଷମା ଗୁଣେ ।

[ମୋହନ ପଦେ ପତନ]

ରାଜା—(ତୋଳିଧରି) ଭାଇରେ ୨ । ମୋର ପ୍ରାଣର ତୁ ପ୍ରାଣ
" ଅଛୁ କି ଜୀବନେ ତୁହି ଏ ଭବ ଭବନେ "
ଭାବିଥିଲି ଭାଇ ମୋର ନାହିଁ ଜଗତରେ
ଆ ଭାଇ ! ବଡ଼ ଅପରାଧି ମୁହିଁ ତୋହଠାରେ ।

ଗୀତ—(ହର ହୃଦୟ ହାର—ବୃତ୍ତେ)

ମୋର ଆଦର ଧନ ହୃଦପୂର୍ଣ୍ଣନିଧି ଆସ ରେ କୋଳକୁ । ଭାଇ ବୋଲି ସାଦରେ ଡାକ ମୋଦରେ ଧରି ମୋ ଗଳାକୁ । ଲୁଟିଲା କଟେ ପଡ଼ି, ଦେଲି ରାଜ୍ୟକୁ ଛାଡ଼ି । ଏବେ ଭୋଗୁଛି ସଜା ତହିଁର ମଜା ବେଳକୁ ବେଳକୁ । ୧ । ନାରିଜାତିଙ୍କି ଲେଖ, ଯେ କରିବ ବିଶ୍ୱାସ । ତାର ହେବ ମୋ ଦଶା ଏହା ରସାରେ ନ ପାଇ ଥଳକୁ । ୨ । ଗଳ୍ପଣି ଗଳ୍ପ କଥା, ନ ଅଣ ଶତ୍ରେ ବ୍ୟଥା

Digitized by srujan ka@gmail.com

ଏବେ ପାଇନ୍ତୁ ମୋ ର ହଜଲ ହାର ଦୁଃଖୀ ସମ୍ବଳକୁ । ୩ । ସେ ଚଣ୍ଡାଳ ଚଣ୍ଡାଳ, ଭୋଗିବେ କେଉଁ ଫଳ । ଶୀଘ୍ରକର ତା ସ୍ଥିର ହବ ବଦ୍ଧବ ଅନାଇ କାଳକୁ । ୪ ।

ସୁନ୍ଦର—ଜ୍ୟେଷ୍ଠଭ୍ରାତ ! ସ୍ଥିର ହୁଅ, ଶୁଣ ମୋର କାରଣ । ମୁଁ ଏଠାରେ ଏକ ରାକ୍ଷସୀ ବଧକରି ଏ ରାଜସମ୍ପଦ ଭୋଗ କରୁଛି । ରାକ୍ଷସୀ ପାଳିତା ଏକ ମାନବୀ ରାଜକନ୍ୟା ମାଳତୀ ସେ ମୋର ଧର୍ମପତ୍ନୀ । ଚାଲ ତାଙ୍କୁ ବୁଝାଇ ରଥ ସଜକରି କାଲି ପ୍ରଭାତରୁ ପ୍ଲକ୍ଷଦ୍ୱୀପ ରାଜଭବ ନାଭି-ମୁଖେ ଯାତ୍ରା କରିବା, ସେଠାରେ ଦୁଷ୍ଟଙ୍କୁ ଦଣ୍ଡରେ ଦଣ୍ଡିତ କରି ରାଣୀଙ୍କ ଅପଣଙ୍କୁ ଦେଇ ମୁଁ ଏଠାକୁ ଫେରିବ ।

ରାଜା—ଭାଇରେ ! ମୋର ସେ ଭ୍ରଷ୍ଟାଠାରେ ଆଉ ପ୍ରୟୋଜନ ନାହିଁ । ସ୍ୱାନସ୍ପର୍ଶବର୍ଜିତ ହଣ୍ଡିକାରେ କେ କି ପାକକରି ଭକ୍ଷଣ କରନ୍ତି । ତା ଏ ଜୀବନରେ ହେବନାହିଁ । ଆ ସ୍ତ୍ରୀ, ଆଉ ବିଳମ୍ବ କରନା, ଏତେଦିନେ ତୋର କଥା କାର୍ଯ୍ୟରେ ପରିଣତ ହୋଇଛି । ତୁ ଅଶ୍ରୁପୂର୍ଣ୍ଣ ନୟନରେ ଅସିଲବେଳେ ଯାହା କହି ଅସିଥିଲୁ ତାହା ତିଳେ ମାତ୍ର ଟଳି ନାହିଁ ।

ସୁନ୍ଦର—ଭାଇ ! ଆଉ ସେ ପଚ୍ଛକଥା ପକାନାହିଁ । ଯାହା ଉପସ୍ଥିତ କାର୍ଯ୍ୟ, ତାହା କରିବା ଚାଲ ।

[ଉଭୟଙ୍କ ପ୍ରସ୍ଥାନ]

Digitized by srujan ka@gmail.com

ତୃତୀୟ ଅଙ୍କ

ସପ୍ତମ ଦୃଶ୍ୟ—ରାଜପୁରୀ

{ ରାଣୀ ଓ ମନ୍ତ୍ରୀର ପ୍ରବେଶ }

ମନ୍ତ୍ରୀ—ପ୍ରିୟେ ! ଏବେ କଣ୍ଟକ ପଥ ନିର୍ମଳ ହୋଇଛି ! ଆଉ କୌଣସି ଶଙ୍କା ନାହିଁ । ଶ୍ରୀଭାଗବତ ବଚନ କି ଅନ୍ୟଥା ହେବ ? ଅଛି ପରା " ଏ ମନ ଭାବୁଥାଏ ଯାହା, " କାଳେ ପ୍ରାପତ ହୁଏ ତାହା । ମୁଁ ଦେଖୁଛି ସେ ବରର ତୁମ୍ଭେ କନ୍ୟା ନୁହଁ । ତା ହୋଇଥିଲେ ଏ ଘଟଣା ଘଟି ନ ଥାନ୍ତା । କେତେକ ଯୋର ଯବରଦସ୍ତିରେ ଛନ୍ଦ ପକାଇଲେ । ଏ ରାଜକର୍ମରେ ତୁମ୍ଭେ ନ ଥିଲ, ସେହି ଭାଗବତରେ ଲେଖା ଅଛି :—କର୍ମେ ନ ଥାଇ ଯେବେ ମିଳେ, ଦଇବ ହରେ ତାହା ବଳେ । ତାର ପ୍ରମାଣ ପାଇଲ ?

ରାଣୀ—ମୁଁ କଣ ଜାଣେ ନାହିଁ ? ଅନୁଭବୀ କବି ପରା ଲେଖିଛନ୍ତି

ଗୀତ—(ବନସୁଖ—ବୃତ୍ତେ)

ନଳଗାର ଜନମ ଓ୍ୱମନ ପାଇଁ । ପଦ । ଦେଖ ଚନ୍ଦ୍ରେ କୁମୁଦ ଗୃହିଁ ଲଭେ କି ମୋଦ । ସୁମନେ ଭ୍ରମରୀ ବାଇ । ୧ । ହରଙ୍କ ମନୋହାରୀ, ସପନା ସିନ୍ଧୁକୁମାରୀ । ଆନ କି ପାରନ୍ତେ ମୋହି ।୨। ହର ହୃଦୟ ହାରୀ, ଏ କାଶୀନାଗ ଭାରୀ । ଆଗୁଁ ଖଞ୍ଜାଇଛି ବିହି । ୩ । ତେସନ ମୁଁ ତୁମ୍ଭର, ଜାଣ ନାଗରବର । ବଇଷ୍ଣବ ଗୀତେ ଗାଇ । ୪ ।

{ ରାଜା ସୁନ୍ଦର ସହ ପ୍ରବେଶ }

ରାଜା—ପ୍ରକୃତ ତା ପ୍ରକୃତ ! ସେ ତୋର ତୁ ତାର । ଏଷଣି ଏ ଉତ୍ସବାରେ ଉତ୍ସବ ହେଉ କରୁ ଅହାର ।

Digitized by srujan ka@gmail.com

{ ତରବାରି ଉତ୍ତୋଳନେ ସୁନ୍ଦର କର ଧାରଣ ଜୟନ୍ତ ଥରବା }

ସୁନ୍ଦର—କ୍ଷାନ୍ତ ହୁଅ ଜେଷ୍ଠଭ୍ରାତ !
ଘୃଣ ଦୂଷିତ କୁକ୍କୁରେ ନାଶି ।
କଳଙ୍କିତ କରନାହିଁ ଶାଣିତ କୃପାଣେ
ଅଛି ପାହା ନୀତିଶାସ୍ତ୍ର ଲେଖା
ଶୁଣ ତାହା କହୁଅଛି ମୁହିଁ ।

ଜୟନ୍ତ—(ଉଦ୍ବେଗରେ ଇତସ୍ତତଃ ହେବା)
ହାହା ଧର୍ମ ଅବତାର ଅବତାର

ସୁନ୍ଦର—ରକ୍ଷା ରକ୍ଷା ! ଧରନାହିଁ ଏହି ବେନି ବସ୍ତୁ ଆଭରଣେ
ଶହିଥିଲେ ସେଦିନ ଛୁରିକାଃ
ନ ଥାନ୍ତ ଏ ଧରଣିରେ ଆଜ ।

ରାଜା—କିହେ ଭ୍ରାତ ! କି ଦଣ୍ଡେ ଦଣ୍ଡିତ ହେବେ ବେନି ?

ସୁନ୍ଦର—ଶୁଣନ୍ତୁ ଅଗ୍ରଜ !

ଗୀତ—(ଊହା—ବୃତ୍ତେ)

ବ୍ରହ୍ମାଦେବ ଯେବେ ନଜନାଶି । ଜ୍ୟେଷ୍ଠ ଶୁଣ ।
ତାଙ୍କୁ ପାଶୁଁ ଦେବ ହୁରଙ୍କର । ଜ୍ୟେଷ୍ଠ ଶୁଣ । ୧ ।
ଯେବେ ଦାସୀ କରିବନ୍ତି ଦୋଷ । ଜ୍ୟେଷ୍ଠ ଶୁଣ ।
ତାର ମୁଣ୍ଡନ କରିବ କେଶ । ଜ୍ୟେଷ୍ଠ ଶୁଣ । ୨ ।
ଭୃତ୍ୟ ଅପରାଧୀ ହୁଏ ଯେବେ । ଜ୍ୟେଷ୍ଠ ଶୁଣ ।
ନିର୍ବାସିତ ଦେବକର ତେବେ । ଜ୍ୟେଷ୍ଠ ଶୁଣ । ୩ ।

Digitized by srujan ka@gmail.com

ଏ ଦୁହିଙ୍କ ନାସା କର୍ଣ୍ଣ କାଟି । ଜ୍ୟେଷ୍ଠ ଶୁଣ ।
ବନେ ନବେଶି ଅଛ ଏକାଠି । ଜ୍ୟେଷ୍ଠ ଶୁଣ । ୪ ।
ପଢ଼ନ୍ତୁ ସେ ହଂସ ଜୀବ ମୁଖେ । ଜ୍ୟେଷ୍ଠ ଶୁଣ ।
ବଇଷ୍ଣବ ଲେଖେ ମନ ଦୁଃଖେ । ଜ୍ୟେଷ୍ଠ ଶୁଣ । ୫ ।

ରାଜା—ନା, ଏହାଙ୍କୁ ମୁଁ ବଧିବ ନିକର ।

ସୁନ୍ଦର—ନାରୀହତ୍ୟା ପାପେ ଭାଇ ନ ମାଡ଼େ କି ଡ଼ର ?

ରାଜା – ତେବେ ସୁନ୍ଦର ତୁ ନାସା କର୍ଣ୍ଣ କାଟ ଏହାଙ୍କର ।

ସୁନ୍ଦର—ଏ ମାତୃସ୍ଥାନୀୟା ଏଥୁ ଘୃଣିତ କୁକୁର ॥

ରାଜା—କେ ଅଛ ରେ ଘାତୁକେ ଏଠାରେ ?

ଘାତୁ—(ପ୍ରବେଶି) କି ଆଦେଶ ହେଉ ସ୍ୱାମୀବାରେ ।

ରାଜା —ରେ ଘାତୁକ ! କର ମୋ ଆଦେଶ ।

ଗୀତ—(ଚଳନ୍ତ – ବୃତଣ୍ଡି)

ରେ ଘାତୁକେ ମାନ ମୋର ଭାଷା ରେ, ଏହି ନାଶାରେ । ଖଡ୍ଗେ ଛେଦ ନାସା ଏହି ଯୋଷା ରେ । ପଦ । ପ୍ରଭୁଜାୟା ଅପହାରୀ । ଏ ପାଜି ନୁହେ କାହାରି । ମୋତେ ଫିଙ୍ଗିଛୁ ବିଷମ ଦଶା ରେ । ୧ । ନାସା କର୍ଣ୍ଣ କାଟିକରି,ଦାଣ୍ଡେ ଯାଙ୍କୁ ନିଅ ଧରି । ଯେତେ ଯେତେ କଲେ ଲୋକ ହସା ରେ । ୨ । ଏପରି ଭାଇଙ୍କ ମୋର, ଯା ବୋଲେ କଲି ଅନ୍ତର । ଘୋର ଗହନରେ ଦେଲି ବସା ରେ । ୩ । ତେସନ ବଜନବନେ, ଛାଡ଼ ଏହି ବେନିଜନେ । ପେ କରିବେ ନାସ୍ତିକ୍ୟର ପେଷା ରେ । ୪ । ତାଙ୍କର ଭଲେ ଏ ସଜା, ପାଇବେ ପ୍ରୀତର ମଜା । ଶୁଣି ଭଜେ ବଇଷ୍ଣବ ହଂସା ରେ । ୫ ।

Digitized by srujan ka@gmail.com

ଘାତୁକ—ଚେ ଅଣ୍ଣା ସ୍ମାମୁଁ—

{ ମନ୍ତ୍ରୀ ଓ ରାଣୀର ନାସା କର୍ଣ୍ଣ କାଟିବାକୁ ଘାତୁକମାନଙ୍କ ପ୍ରସ୍ଥାନ

ସୁନ୍ଦର—ହେ ଅଗ୍ରଜ ! ଥାଅ ଏଥି ଯାଉଛି ମୁଁ ବାସେ ।

ରାଜା—ରହରେ ସୁନ୍ଦର କହୁଛନ ମୋର ପାଶେ ।

ସୁନ୍ଦର—ଶତ୍ରୁ ନାହିଁ ଜ୍ୟେଷ୍ଠ !

ଉଭୟ ରାଜ୍ୟ ଏକତ୍ର କରିବା ପାଳନ ।

ରାଜା—ସେହି କଥା ଭାବୁଥିଲି କେତେବେଳୁ ମନ ।

ସୁନ୍ଦର—ଚାଲ ଭୋଜନ ବଢ଼ାଇ ଶୋଇବା ଏକତ୍ର ।

ରାଜା—ଏତେଦିନେ ନିଦ୍ରା ଭଙ୍ଗିବ ଏ ବେନି ନେତ୍ର ।

[ଉଭୟ ପ୍ରସ୍ଥାନ]

ଯବନିକା ପତନ

ସମାପ୍ତ

କଟକ—ଓଡ଼ିଶା କୋହିନୂର ପ୍ରେସରେ
ଏସ୍, ଅମିନୁଲ ଅଇ,ଙ୍କ ଦ୍ୱାରା ମୁଦ୍ରିତ

Digitized by srujan ka@gmail.com

ବିଜ୍ଞାପନ ।

କବି ଶ୍ରୀ ବୈଷ୍ଣବ ପାଣିଙ୍କ ପୁସ୍ତକମାନ ନିମ୍ନଲିଖିତ ଠିକଣାରେ ସର୍ବଦା ପ୍ରସ୍ତୁତ ରହୁଅଛି, ଯାହାର ଆବଶ୍ୟକ ହେବ ଅମ୍ଭ ନିକଟକୁ ପତ୍ର ଲେଖିଲେ ଅମ୍ଭେ ଡାକମୁଣ୍ଡେ ପ୍ରେରଣ କରିବୁଁ । ନିମ୍ନ ଲିଖିତ ପୁସ୍ତକ ଛଡ଼ା କେତେ ପୁସ୍ତକ [ଯନ୍ତ୍ରସ୍ଥ] ହେଉଅଛି । ଗ୍ରାହକମାନଙ୍କ ଆଗ୍ରହ ଦେଖିଲେ ଅବିଳମ୍ବରେ ବାହାରିବ । ଏହାଛଡ଼ା ଅନ୍ୟାନ୍ୟ ପୁସ୍ତକମାନ ମଧ୍ୟ ମିଳେ ଥରେ ପରୀକ୍ଷା ପ୍ରାର୍ଥନୀୟ ।

କଳିଯୁଗ ସୁଆଙ୍ଗ	ଟ ୦ ୵	ଜଗନ୍ନାଥ ନାମାବଳି	ଟ ୦ /
ଦୀନବନ୍ଧୁ ଉତ୍ତାରଣ	ଟ ୦ ୷	ଭୁତକେଳି ସୁଆଙ୍ଗ	ଟ ୦ /
ଠକପୁରାଣ ସୁଆଙ୍ଗ	ଟ ୦ ୷	ନାଉକେଳି ସୁଆଙ୍ଗ	ଟ ୦ /୨
ଯୋଗି ବେଶଣ	ଟ ୦ ୷	ଲବଣୀ ବେଶ	ଟ ୦ /
ବାଳିବଧ	ଟ ୦ ୵	ବୃତ୍ରାସୁର ବଧ	ଟ ୦ ।
ଫାର୍ଶ ମାଳିକା	ଟ ୦ ୵	ଗୁଲେ ବକାଓଲି	ଟ ୦ ୷
ଭାଗବତ ଦର୍ପଣ	ଟ ୦ ୵	ଗଙ୍ଗା ଭଗୀରଥ ସୁଆଙ୍ଗ	ଟ ୦ ୵
ସଙ୍ଗୀତ ନବମଲ୍ଲିକା	ଟ ୦ ୵	ଦାରୁଣାସୁର ବଧ	(ଯନ୍ତ୍ରସ୍ଥ)
ଚନ୍ଦନ ଓ ଦୋଳରସଙ୍ଗୀତ	ଟ ୦ /୨	ରାସଲୀଳା	(,,)
ସଉଦାଗର ଫାର୍ଶ	ଟ ୦ /୨	ମଦନ ସୁନ୍ଦର	(,,)
ଟାଉଟର ଫାର୍ଶ	ଟ ୦ /	ସଙ୍ଗୀତ ସୁଧାଭଣ୍ଡାର	(,,)
ଲୁଆଚୋରି ଫାର୍ଶ	ଟ ୦ /୨	ଶ୍ୟାମା ଅଜା ଫାର୍ଶ	(,,)
ଚନ୍ଦ୍ରପ୍ରଭା ଚନ୍ଦ୍ରଶେଖରଙ୍କ ଆଖ୍ୟାନ	ଟ ୦ ୵	ବଳାସୁର ବା ଭସ୍ମାସୁର ବଧ	(,,)

ବାଙ୍କାବଜାର, କଟକ
ପୋଃ ଅଃ ଚାନ୍ଦିନୀଚୌକ

ପ୍ରୋପ୍ରାଇଟର :—
ଶ୍ରୀ ଭିକାରୀ ବେହେରା

Digitized by srujan ka@gmail.com